**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୨୬,୨୭,୩୭୧ | ୬୫,୪୭,୮୭୭ | ୬୦,୨୪,୬୮,୯୦୪ |
| ଭାରତ | ୪,୪୫,୮୭,୩୦୭ | ୫,୨୮,୬୨୯ | ୪,୪୦,୧୯,୦୯୫ |
| ଓଡ଼ିଶା | ୧୩,୩୪,୦୯୦ | ୯୧୯୩(+୫୩) | ୧୩,୨୩,୪୩୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ପୃଥ୍ୱୀବଲ୍ଲଭଙ୍କ ସହ କଥା ହୋଇ ସମବେଦନା ଜଣାଇଲେ ରାହୁଲ

ଭୁବନେଶ୍ୱର,୩୦।୯(ବ୍ୟୁରୋ): ପୂର୍ବତନ କଂଗ୍ରେସ ଅଧକ୍ଷ ତଥା ଏମ୍‌ପି ରାହୁଲ ଗାନ୍ଧୀ କର୍ନାଟକର ଭାରତ ଯୋଡୋ ଯାତ୍ରାରୁ ପୂର୍ବତନ ଏମ୍‌ପି ସ୍ୱର୍ଗତା ଜୟନ୍ତୀ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି। ସ୍ୱର୍ଗତା ପଟ୍ଟନାୟକଙ୍କ ବିୟୋଗ ପାଇଁ ସେ ଗଭୀର ସମବେଦନା ଜଣାଇଛନ୍ତି। ରାହୁଲ କହିଛନ୍ତି, ସ୍ୱର୍ଗତା ପଟ୍ଟନାୟକଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ତାଙ୍କର ପ୍ରଚେଷ୍ଟା ଅବିସ୍ମରଣୀୟ। ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ ଚେଲ୍ଲାକୁମାର, ପୃଥ୍ୱୀବଲ୍ଲଭଙ୍କୁ ରାହୁଲ ଗାନ୍ଧୀଙ୍କ ସହ କଥା କରାଇଛନ୍ତି।

## ଭିଜିଲାନ୍ସ ଜାଲରେ ଜିଆର୍‌ଏସ୍

ଝାରସୁଗୁଡ଼ା ଅଫିସ,୩୦।୯: ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କନକତୋରା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଜିଆର୍‌ଏସ୍ ମନୋଜ ସାହୁ ଜଣେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ନିକଟରୁ ୧୪ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ଟିମ୍ ସାହୁଙ୍କୁ ଗିରଫକରି ଅଧିକ ତଦନ୍ତ ଚଳାଇଛି। ହିତାଧିକାରୀ ସୁବାସ ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡ଼ା ଭିଜିଲାନ୍ସ କାର୍ଯ୍ୟାଳୟରେ କେସ୍ ନଂ.୨୧/୨୨ରେ ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ୍, ଦେବଗଡ଼ ଭିଜିଲାନ୍ସର ଯୋଗେଶ ପଟେଲ, ଇନ୍ସପେକ୍ଟର ଏସ୍. ରଙ୍ଗୋଲି, କନ୍‌ଷ୍ଟେବଲ ମନୋଜ ସାହୁ ଓ ଗୌରୀଶଙ୍କର ମେହେର ପ୍ରମୁଖ ସାମିଲ ହୋଇଥିଲେ।




# ୭୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

**୨୦୨୨-୨୩ ଖାଦ୍ୟ ସଂଗ୍ରହ ନୀତିକୁ କ୍ୟାବିନେଟ ମଞ୍ଜୁରୀ**

୨୦୨୨-୨୩ ଖରିଫ ଓ ରବି ଋତୁରେ ରାଜ୍ୟରୁ ୭୧ ଲକ୍ଷ ମେଟ୍ରିକ ଟନ ଧାନ ଅର୍ଥାତ୍ ୪୮ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରାଯିବ। ଖରିଫରେ ୫୭ ଲକ୍ଷ ଏବଂ ରବି ଋତୁରେ ୧୪ ଲକ୍ଷ ଟନ ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଯଦି ଏହାଠାରୁ ଅଧିକ ଧାନ ମଣ୍ଡିକୁ ଆସିବ ସେଗୁଡିକ ମଧ ସରକାର କ୍ରୟ କରିବେ। ଆବଶ୍ୟକ ସ୍ଥଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଧାର୍ଯ୍ୟଲକ୍ଷ୍ୟ ବୃଦ୍ଧି କରିପାରିବେ। ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ପ୍ରକ୍ରିୟାକୁ ସୁପରିଚାଳନା କରିବା ପାଇଁ ଖାଦ୍ୟ ଓ ସଂଗ୍ରହ ନୀତି ୨୦୨୨-୨୩କୁ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି।

ଖରିଫ ଧାନ ସଂଗ୍ରହ ଅକ୍ଟୋବର ପହିଲାରୁ ଆରମ୍ଭ ହୋଇ ୨୦୨୩ ସେପ୍ଟେମ୍ବର ୩୦ରେ ଶେଷ ହେବ। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଖରିଫ ଓ ରବି ଋତୁ ପାଇଁ ପୃଥକ ଭାବେ ଧାନ ସଂଗ୍ରହ କରିବେ। ଚାଷୀଙ୍କଠାରୁ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସାଧାରଣ ଧାନ ପାଇଁ କ୍ୱିଣ୍ଟାଲ ପିଛା ୨୦୪୦ ଓ ଗ୍ରେଡ୍-ଏ ଧାନ ପାଇଁ ୨୦୬୦ ଟଙ୍କା ଦେଇ ଧାନ କ୍ରୟ କରିବେ। ନିଯୁକ୍ତିପ୍ରାପ୍ତ କଷ୍ଟମ୍ ମିଲରମାନଙ୍କ ଦ୍ୱାରା ଏହି ଧାନକୁ ମିଲିଂ କରାଯାଇ ସମତୁଲ୍ୟ ଚାଉଳ ସଂଗ୍ରହ କରାଯିବ। ସଂଗୃହୀତ ଚାଉଳକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଆବଶ୍ୟକତା ପୂରଣ ପାଇଁ ବ୍ୟବହାର କରାଯିବ। ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରାଯିବ। ୨୦୨୩ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ କରାଯିବ। କେବଳ ପଞ୍ଜୀକୃତ ଚାଷୀଙ୍କଠାରୁ ବଳକା ଧାନ ସଂଗ୍ରହ କରାଯିବ।

# ପୁନର୍ଗଠନ ହେଲା ଓଡ଼ିଶା ସଚିବାଳୟ ସେବା ବର୍ଗ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

**କ୍ୟାବିନେଟ ନିଷ୍ପତ୍ତି**
- ସୃଷ୍ଟି ହେଲା ୧୨୦ ପ୍ରଥମ ଶ୍ରେଣୀ ନୂଆ ପଦବୀ
- ଓଏମ୍‌ଇସିଏଲ- ଓଏମ୍‌ସି ମିଶ୍ରଣକୁ କ୍ୟାବିନେଟ ମଞ୍ଜୁରୀ
- ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ପଦବୀକୁ ଅନୁମୋଦନ

ରାଜ୍ୟ ସରକାର ଓଡ଼ିଶା ସଚିବାଳୟ ସେବା ବର୍ଗର ପୁନର୍ଗଠନ କରିଛନ୍ତି। ବିଭିନ୍ନ ବିଭାଗର ଯୋଜନା ଓ ପରିଯୋଜନାଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ମୋ ସରକାର ଓ ୫-ଟି ଆଦେଶନାମା ଅନୁସାରେ ସାର୍ବଜନୀନ ସେବାଗୁଡ଼ିକୁ ଉପଯୁକ୍ତ ସମୟରେ ପ୍ରଦାନ କରିବା ସକାଶେ ରାଜ୍ୟ ସରକାର ସଚିବାଳୟ ସେବା ବର୍ଗର ୯୪ଟି ମୂଳପଦବୀ ଉଚ୍ଛେଦ କରି ୧୨୦ଟି ପ୍ରଥମ ଶ୍ରେଣୀ ପାହ୍ୟାର ପଦବୀ ସୃଷ୍ଟି କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ଅନୁଶାସନ ସଚିବ ୭୦ଟି ନୂଆ ପଦବୀ ସୃଷ୍ଟି ହେବାକୁ ଥିବା ବେଳେ ଉପଶାସନ ସଚିବ ୩୩, ଯୁଗ୍ମ ସଚିବ ୧୫ ଏବଂ ଅତିରିକ୍ତ ଶାସନ ସଚିବ ୨ ପଦବୀ ସୃଷ୍ଟି କରାଯାଇଛି। ବର୍ତ୍ତମାନ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୩୫୯ ଥିବା ବେଳେ ପୁନର୍ଗଠନ ପରେ ଏହା ୪୭୯କୁ ବୃଦ୍ଧି ପାଇଛି।

ସେହିପରି ରାଜ୍ୟ ସରକାର ଓଡ଼ିଶା ସଚିବାଳୟ କାର୍ଯ୍ୟନିର୍ବାହୀ ସହାୟକ, ବ୍ୟକ୍ତିଗତ ସହାୟକ ଓ ବ୍ୟକ୍ତିଗତ ସଚିବ ସେବା ବର୍ଗର ମଧ ପୁନର୍ଗଠନ କରିଛନ୍ତି। ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସଚିବାଳୟରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରିବା ଲାଗି ସରକାର ଉକ୍ତ ସେବା ବର୍ଗରେ ୨୫ଟି ପଦବୀ ସୃଷ୍ଟି କରିଛନ୍ତି। ବରିଷ୍ଠ ବ୍ୟକ୍ତିଗତ ସଚିବ ସ୍ତରରେ ୧୧, ପ୍ରମୁଖ ସଚିବ ସ୍ତରରେ ୮, ବରିଷ୍ଠ ପ୍ରମୁଖ ବ୍ୟକ୍ତିଗତ ସଚିବ ସ୍ତରରେ ୫ ଏବଂ ଅଧୀକ୍ଷକ ତଥା ପଦଯୁକ୍ତ ଅତିରିକ୍ତ ଶାସନ ସଚିବ ସ୍ତରରେ ଗୋଟିଏ ପଦବୀ ସୃଷ୍ଟି କରାଯାଇଛି। ଏହା ବଦଳରେ ସେହି ସେବାବର୍ଗରୁ ଖାଲିଥିବା ସମାନ ସଂଖ୍ୟକ କନିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ, ବରିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ, ବ୍ୟକ୍ତିଗତ ସହାୟକ ଏବଂ ବ୍ୟକ୍ତିଗତ ସଚିବ ସ୍ତରୀୟ ପଦବୀକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଓଡ଼ିଶା ମିନେରାଲ ଏକ୍ସପ୍ଲୋରେଶନ କର୍ପୋରେଶନ ଲିମିଟେଡ(ଓଏମ୍‌ଇସିଏଲ୍) ଓଡ଼ିଶା ଖଣି ନିଗମ(ଓଏମ୍‌ସି)ରେ ମିଶ୍ରଣ ଯୋଗୁ ନୂତନ ବ୍ଲକ୍‌ଗୁଡ଼ିକର ଉତ୍ତୋଳନ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ଅଧିକ ବ୍ଲକ୍ ନିଲାମ ନିମନ୍ତେ ଉପଲବ୍ଧ ହୋଇପାରିବ। ଏଥିପାଇଁ ଓଏମ୍‌ସି ସରକାରଙ୍କଠାରୁ କୌଣସି ଆର୍ଥିକ ସହାୟତା ଆବଶ୍ୟକ କରିବ ନାହିଁ। ଉକ୍ତ ମିଶ୍ରଣ ଦ୍ୱାରା ଭୁବନେଶ୍ୱର ତହସିଲ ଅଧୀନ ଜଗନ୍ନାଥପ୍ରସାଦ ମୌଜାରେ ଥିବା ଓଏମ୍‌ଇସିଏଲ୍‌ର ୧୪.୮୧୬ ଜମି ଓଏମ୍‌ସିକୁ ପ୍ରାପ୍ତ ହେବ। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି।

ରାଜ୍ୟରେ ପ୍ରଚଳିତ ଖଣିଜ ପ୍ରଶାସନ ଓ ଖଣିଜ ପଦାର୍ଥ ପରିଚାଳନାର ସଫଳ ରୂପାୟନ ନିମନ୍ତେ ଦେଶର ସର୍ବାଧିକ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ବିଭିନ୍ନ ରାଜ୍ୟର ପ୍ରଶାସନରେ ପ୍ରଚଳିତ ବ୍ୟବସ୍ଥା ଯଥା ଏକକ ଖଣିଜ ଏବଂ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ବ୍ୟବସ୍ଥାକୁ ଅନୁଧ୍ୟାନ କରି ସେହି ଆଧାରରେ ଖଣି ଓ ଇସ୍ପାତ ବିଭାଗ ଅଧୀନରେ ପୃଥକ ଭାବରେ କାର୍ଯ୍ୟରତ ଖଣି ନିର୍ଦ୍ଦେଶାଳୟ ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ମିଶ୍ରଣ କରି ଏକ ନୂତନ ନିର୍ଦ୍ଦେଶାଳୟ ସୃଷ୍ଟି କରାଯାଇଛି। ଏହି ନୂତନ ନିର୍ଦ୍ଦେଶାଳୟରେ ୨ଟି ନୂତନ ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ଏଥିରେ ଆଇଏଏସ୍, ଆଇଏଫ୍‌ଏସ୍ ଏବଂ ଓଏଫ୍‌ଏସ୍ କ୍ୟାଡର ଅଫିସରଙ୍କୁ ଅବସ୍ଥାପିତ କରାଯିବା ବ୍ୟବସ୍ଥା ହୋଇଛି। ଖଣି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ରାଜ୍ୟ ସରକାରଙ୍କ ଅଧୀନ ଖ-ବର୍ଗ ଓ ଗ-ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ସମନ୍ୱିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨କୁ କ୍ୟାବିନେଟ ମୋହର ମାରିଛି। ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଖ-ବର୍ଗ ଓ ଗ-ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଓ ନିର୍ଦ୍ଧାରିତ ସମୟରେ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ସରକାର ଉକ୍ତ ନିୟମାବଳୀ ପ୍ରଣୟନ କରିଛନ୍ତି।

## ସ୍ୱଚ୍ଛତା କ୍ଷେତ୍ରରେ ବାସୁଦେବପୁର ପୌରପାଳିକା ରାଜ୍ୟରେ ଦ୍ୱିତୀୟ

ବାସୁଦେବପୁର, ୩୦।୯ (ଡି.ଏନ୍.ଏ.): ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତ ସରକାରଙ୍କ ସହରାଞ୍ଚଳ ସ୍ୱଚ୍ଛତା ମିଶନ ପକ୍ଷରୁ ଏକ ସର୍ଭେ ପୂର୍ବକ ଏହି ପୌରପାଳିକାକୁ ଚୟନ କରାଯାଇଥିବା ବେଳେ ଗାନ୍ଧୀ ଜୟନ୍ତୀରେ ଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଏହି ପୁରସ୍କାର ଗ୍ରହଣ କରିବା ପାଇଁ ପୌରାଧକ୍ଷା ନିବେଦିତା ବେହେରା, ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ପ୍ରମୁଖ ଗୁରୁବାର ଦିଲ୍ଲୀ ଅଭିମୁଖେ ଯାଇଥିବା ପୌର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।






**କାଚ ବୋତଲରେ ଭୁସିଲେ, ଟଙ୍କା ଛଡ଼ାଇ ନେଲେ**

ଭୁବନେଶ୍ୱର(ବ୍ୟୁରୋ): ଭରତପୁର ଥାନା ଅଞ୍ଚଳରେ ଏକ ଫାଷ୍ଟଫୁଡ୍ ଦୋକାନରେ ଜଣେ ଗ୍ରାହକଙ୍କୁ କାଚ ବୋତଲରେ ଭୁସି ଟଙ୍କା ଛଡ଼ାଇ ନେବା ଅଭିଯୋଗରେ ପୋଲିସ କର୍ମଚାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ରୁଚିକା ମାର୍କେଟ ରାଜଧାନୀ ଫାଷ୍ଟଫୁଡ୍‌ରେ କାମ କରୁଥିବା ଅନୁଗୋଳର ମଙ୍ଗୁ ଭୋଇ (୨୧)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର ଏହି ଘଟଣା ଘଟିଥିବା ବେଳେ ଆହତ ଗ୍ରାହକ ହେଉଛନ୍ତି ରୁଷିଆ ସାହୁ ।

## ସଂକ୍ଷେପରେ

### ଡଷ୍ଟବିନ୍‌ମୁକ୍ତ ହେବ ଭୁବନେଶ୍ୱର

ଭୁବନେଶ୍ୱର, ୩୦।୯ (ବ୍ୟୁରୋ): ଏଣିକି ସହରର ରାସ୍ତାରେ କୌଣସି ଡଷ୍ଟବିନ୍ ରହିବ ନାହିଁ। ଡଷ୍ଟବିନ୍‌ମୁକ୍ତ ହେବ ଭୁବନେଶ୍ୱର ମହାନଗର। ଖୁବ୍‌ଶୀଘ୍ର ଏହାକୁ ସମ୍ପୂର୍ଣ୍ଣ ଲାଗୁ କରାଯିବ। ସେହିଭଳି ରାସ୍ତାରେ ଅଳିଆ ପକାଇଲେ ମୋଟା ଅଙ୍କର ଜରିମାନା ମଧ ଗଣିବାକୁ ପଡିବ। ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଅପରପକ୍ଷେ ପ୍ରତ୍ୟେକ ଜନସାଧାରଣଙ୍କୁ ଘରେ ୨ଟି ଲେଖାଏ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ରହିଛି। ସେହିପରି ଦୋକାନୀମାନେ ମଧ ଦୁଇଟି ଲେଖାଏ ଡଷ୍ଟବିନ୍ ରଖିବାକୁ ବାଧ୍ୟ। ଏଥିସହ ନିଜ ଆଖପାଖ ୫ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ପରିଷ୍କାର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାହାରେ ଡଷ୍ଟବିନ ରହୁଥିବାରୁ ଡଷ୍ଟବିନ୍ ସହିତ ସମ୍ପୃକ୍ତ ଅଞ୍ଚଳ ଆଖପାଖରେ ଅଳିଆ ଆବର୍ଜନା ଗଦା ହୋଇରହୁଛି। ପବ୍ଲିକ୍ ଡଷ୍ଟବିନ୍ ହୋଇଥିବାରୁ ଯିଏ ଯାହା ପାରୁଛି ସେଥିରେ ପକାଇ ଦେଉଛନ୍ତି। ଏପରିକି ଡଷ୍ଟବିନ୍ ବାହାରେ ଆଣି ଅଳିଆ ଗଦା କରି ଦେଉଛନ୍ତି। ତେଣୁ ଏହାକୁ ରୋକିବା ପାଇଁ ଭୁବନେଶ୍ୱରକୁ ଡଷ୍ଟବିନ୍‌ମୁକ୍ତ କରାଯିବ। ନିଜ ନିଜ ଘର ଏବଂ ବ୍ୟବସାୟ ପ୍ରତିଷ୍ଠାନର ଅଳିଆ ଏବେ ନିଜକୁ ହିଁ କାଢ଼ିବାକୁ ପଡିବ।

### ଅହିଂସା ରଥକୁ ସ୍ୱାଗତ

ବାଲିପାଟଣା,୩୦।୯(ଡି.ଏନ୍.ଏ.): ବାଲିପାଟଣା ଛକରେ ଅହିଂସା ରଥ ପହଞ୍ଚିବା ପରେ ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂକୀର୍ତ୍ତନ ସହିତ ଘୋଡ଼ାନାଚ, ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ ପରିବେଷଣ କରି ଛକରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହଜାର ହଜାର ଲୋକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ସ୍ୱାଧୀନତା ଆନ୍ଦୋଳନର ସଂଘର୍ଷମୟ ଘଟଣାକୁ ମନେ ପକାଇବା ସହିତ ସଂଗ୍ରାମୀଙ୍କ ବଳିଦାନକୁ ମନ ଭିତରେ ସତେଜ ରଖି ଦେଶର ସେବା ପାଇଁ କାମ କରିବା ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ବିଧାୟକ ଡ. ଅରବିନ୍ଦ ଢାଲି କହିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମଞ୍ଚରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଚେୟାରମ୍ୟାନ ହରପ୍ରିୟା ଦାସ, ଭାଇସ୍ ଚେୟାରମ୍ୟାନ ରାଜଲକ୍ଷ୍ମୀ ଜେନା, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ପଟେଲ, ସୁକନ୍ୟା ସେଠୀ ଉପସ୍ଥିତ ଥିଲେ। ଶିକ୍ଷାଧିକାରୀ ଶୈଳଧିରାଜ ତନୟା ଶତପଥୀଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱାଗତ କରିଥିଲେ। ରଥ ବନମାଳୀପୁର ଅଞ୍ଚଳ ପରିକ୍ରମା କରିଥିଲା।

### ୨ରୁ ‘ସେବା ପ୍ରୟାସ’ର ଡାଣ୍ଡିଆ ନୃତ୍ୟ

ଭୁବନେଶ୍ୱର,୩୦।୯(ବ୍ୟୁରୋ): ‘ସେବା ପ୍ରୟାସ’ ଫାଉଣ୍ଡେଶନ ପକ୍ଷରୁ ଦୁର୍ଗାପୂଜା ଉପଲକ୍ଷେ ୪ଦିନିଆ ‘କଳିଙ୍ଗ ଗର୍ବା ରାସ ୨୦୨୨’ ଆସନ୍ତା ୨ ତାରିଖରୁ ଜନତା ମଇଦାନଠାରେ ଆରମ୍ଭ ହେବ। ଏହି ଅବସରରେ ଡାଣ୍ଡିଆ ନୃତ୍ୟ ପରିବେଷଣ ହେବ। ଏହି କାର୍ଯ୍ୟକ୍ରମରୁ ସଂଗୃହୀତ ଅର୍ଥ ଅଧାରୁ ପାଠ ଛାଡୁଥିବା ପିଲା, ବାଲ୍ୟ ବିବାହ ଏବଂ ଶହୀଦଙ୍କ ପରିବାରକୁ ଦିଆଯିବ। ଚଳିତ ବର୍ଷ ‘ସ୍ୱର୍ଗତ ସାମ୍ବାଦିକ ଅରିନ୍ଦମ ମେମୋରିଆଲ ସ୍କଲାରଶିପ’ ଓ ସମାଜସେବୀ ‘ସ୍ୱର୍ଗତ ରାଜଲକ୍ଷ୍ମୀ ସ୍କଲାରଶିପ’ ପ୍ରଦାନ କରାଯିବ। ସନ୍ଧ୍ୟା ୬ରୁ ୯.୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମାଜିକ କର୍ମୀ ନମ୍ରତା ଚଢ଼ା, ଲିଙ୍କନ ସୁବୁଦ୍ଧି, ସୁମନ ପାତ୍ର ଉପସ୍ଥିତ ଥିଲେ।

# ଆକର୍ଷଣ ସାଜିବ ମିସାଇଲ୍ ତୋରଣ

ଭୁବନେଶ୍ୱର, ୩୦।୯ (ବ୍ୟୁରୋ)







ପାର୍ବଣରେ ଦେବୀ ଦୁର୍ଗାଙ୍କୁ ଆବାହନ କରିବାକୁ ସମସ୍ତେ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି। ଶନିବାର ଷଷ୍ଠୀଠାରୁ ରୀତିନୀତି ଆରମ୍ଭ ହେଉଥିବାରୁ ଚଳଚଞ୍ଚଳ ହୋଇ ପଡିଛି ଗାଁରୁ ସହର। ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ସରିଥିବାବେଳେ ଅପେକ୍ଷା କେବଳ ମା’ଙ୍କ ଆଗମନକୁ। ହିନ୍ଦୁ-ମୁସଲିମ୍ ଭାଇଚାରର ପ୍ରତୀକ ପାଇଁ ଚର୍ଚ୍ଚାରେ ରହି ଆସିଥିବା ୟୁନିଟ-୮ ହରପାର୍ବତୀ ପୂଜା କମିଟି ଏଥର ମଧ ପ୍ରତିଯୋଗିତାମୂଳକ ପ୍ରସ୍ତୁତିରୁ ବାଦ୍ ପଡିନି। ଚଳିତ ବର୍ଷ ୩୫ବର୍ଷରେ ପଦାର୍ପଣ କରିଥିବା ଏହି କମିଟି ପୂଜା ପାଇଁ ୭ଲକ୍ଷ ଟଙ୍କା ବଜେଟ ରଖାଯାଇଛି। କମ୍ ଖର୍ଚ୍ଚରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଦେଶର ସାମରିକ ଶକ୍ତିର ପ୍ରଦର୍ଶନ ସ୍ୱରୂପ ‘ମିସାଇଲ୍’ ଆକୃତିର ତୋରଣ ଆକର୍ଷଣ ସାଜିଛି। ଏଥିରେ ସାମରିକ ଶକ୍ତିର ବିଭିନ୍ନ ଚିତ୍ର ସ୍ଥାନ ପାଇବା ସହିତ ତ୍ରିରଙ୍ଗା ପତାକାରେ ମଣ୍ଡପକୁ ସଜାଯାଇଛି। ତୋରଣର ଉଚ୍ଚତା ୪୦ ଫୁଟ ଥିବାବେଳେ ଓସାର ୪୬ ଫୁଟ ରହିଛି। ସେହିପରି କମିଟି ପକ୍ଷରୁ ପ୍ରତିବର୍ଷ ଏଠାରେ ଦେବୀ ଦୁର୍ଗାଙ୍କ ବଦଳରେ ହରପାର୍ବତୀଙ୍କ ମୂର୍ତ୍ତି ପୂଜା କରାଯାଏ। ମୂର୍ତ୍ତିର ଉଚ୍ଚତା ୧୨ଫୁଟ ହୋଇଥିବାବେଳେ ମା’ ଏବଂ ପାର୍ଶ୍ୱ ଦେବାଦେବୀଙ୍କୁ ରୂପାର ଅଳଙ୍କାରରେ ଭୂଷିତ କରାଯିବ। ରୀତିନୀତି ଅନୁଯାୟୀ ଷଷ୍ଠୀ ରାତିରୁ ପୂଜାପାଠ ଆରମ୍ଭ ହୋଇ ସପ୍ତମୀରେ ହାଲୁଆ ଭୋଗ ଓ ଦଶମୀରେ ଖେଚୁଡି ଭୋଗ ଲାଗିବ। ସେହିପରି ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ଭଜନ, ମେଲୋଡି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସୁରକ୍ଷା ବ୍ୟବସ୍ଥାକୁ ମଧ କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ୫ଟି ସିସିଟିଭି କ୍ୟାମେରା ଓ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି। ପ୍ରତିବର୍ଷ ରାଜ୍ୟପାଳ ଏହି ମଣ୍ଡପକୁ ଦର୍ଶନ ପାଇଁ ଆସିଥାନ୍ତି। ଏଥର ମଧ କମିଟି ପକ୍ଷରୁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରାଯାଇଛି। ଭସାଣିରେ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଠାକୁରଙ୍କୁ ମେଲାଣି ଦିଆଯିବ।



“ମୋ’ ଦୁର୍ଗାଙ୍କ ରୀତିନୀତି ଅନୁଯାୟୀ ଏଠାରେ ସମସ୍ତ ପୂଜା କରାଯାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ କିଛି ନୂଆ କରିବାକୁ ଚେଷ୍ଟା କରିଛୁ। ଲୋକମାନଙ୍କୁ ଦେଶର ସାମରିକ ଶକ୍ତି ବିଷୟରେ ଅବଗତ କରାଇବାକୁ ପ୍ରୟାସ କରି ଏଭଳି ତୋରଣ ନିର୍ମାଣ କରାଯାଇଛି। ଏଥିସହ ଆଲୋକ ସଜ୍ଜାର ମଧ ସୁବ୍ୟବସ୍ଥା କରାଯାଇଛି।

–ଉପେନ୍ ଗୋଛାୟତ୍, କୋଷାଧ୍ୟକ୍ଷ



“ପୂଜାରେ ସାଂସ୍କୃତି କାର୍ଯ୍ୟକ୍ରମ ସହ ସୁରକ୍ଷା ବ୍ୟବସ୍ଥାକୁ ନଜର ଦିଆଯାଇଛି। ଏଥିସହ ଶ୍ରଦ୍ଧାଳୁମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ଠାକୁରଙ୍କ ଦର୍ଶନ କରି ପାରିବେ ସେଥିପ୍ରତି ଧ୍ୟାନ ଦିଆଯିବ। କରୋନା ପରେ ବିନା କଟକଣାରେ ପୂଜା ହେଉଥିବାରୁ ସମସ୍ତେ ଉତ୍ସାହିତ। କେବଳ ବର୍ଷା ବାଧକ ନ ସାଜିଲେ ଏଥର ପୂଜା ଧୁମ୍‌ଧାମ୍‌ରେ ପାଳିତ ହେବ।

–କୈଳାଶ ଚନ୍ଦ୍ର ମହାନ୍ତି, କର୍ମକର୍ତ୍ତା

## ସ୍ନେହପ୍ରଭା ସାମନ୍ତରାୟଙ୍କୁ ‘ବିମୋହନା କଳା ସମ୍ମାନ’

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ବିମୋହନା କ୍ରିଏଟିଭ ଦ୍ୱାରା ନୃତ୍ୟ ମହୋତ୍ସବ ‘ବିମୋହନା କଳା ସମ୍ମାନ ୨୦୨୨’ ଉତ୍ସବ ଶୁକ୍ରବାର ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କାଦମ୍ବିନୀର ସମ୍ପାଦିକା ଡ. ଇତିରାଣୀ ସାମନ୍ତ, ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ଅଧ୍ୟକ୍ଷ ଦୀପ୍ତିମୟୀ ମହାନ୍ତି, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ନେହପ୍ରଭା ସାମନ୍ତରାୟଙ୍କୁ ‘ବିମୋହନ କଳା ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆର୍ଯ୍ୟବ୍ରତ ଆନସିଏଣ୍ଟ ଗ୍ରୁପ୍, ସାନଭି ସଂସିତା କର, ଶେଫାଳୀ ପଟ୍ଟନାୟକ, ପ୍ରିୟାଂଶୀ ମିଶ୍ର ରାଉତ୍, ସୁନନ୍ଦା ବିଶ୍ୱାଳ, ଦିବ୍ୟାଙ୍କା ଦିବ୍ୟଦର୍ଶନୀ ଦାସ, ସଞ୍ଜନା ସୋହାନି, ସୁଭଦ୍ରା ଦାସ, ସନ୍ଧ୍ୟାରାଣୀ ପ୍ରଧାନ ପ୍ରମୁଖ ନୃତ୍ୟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସନ୍ଧ୍ୟାରେ ରାଜଶ୍ରୀ ପ୍ରହରାଜ, ସୁଶ୍ରୀ କେ. ଜ୍ୟୋତିର୍ମୟୀ ପଟ୍ଟନାୟକ, ମିନାକ୍ଷୀ ରାଣୀ ଜେନା ଓ ପ୍ରଭାତ ସ୍ୱାଇଁଙ୍କ ନୃତ୍ୟ ପରିବେଷଣରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। ନୃତ୍ୟଶିଳ୍ପୀ ରଶ୍ମୀରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଡ. ସଙ୍ଗୀତା ଗୋସାଇଁ ଓ ଅଭିଜିତ୍ ବିଶ୍ୱାଳ ସଂଯୋଜନା କରିଥିଲେ।

# ଅନୁବାଦ ହିଁ ଭାଷା-ସାହିତ୍ୟର ସଂଯୋଗ ସେତୁ

ଭୁବନେଶ୍ୱର,୩୦।୯(ବ୍ୟୁରୋ)



**ଜାତୀୟସ୍ତରୀୟ ଅନୁବାଦ ସମ୍ମିଳନୀ**

ଭାରତୀୟ ଅନୁବାଦ ସାହିତ୍ୟ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନଠାରେ ଜାତୀୟ ଅନୁବାଦକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ସଦସ୍ୟ ତଥା ଅନୁବାଦକ, ସାହିତ୍ୟିକ ଡ. ଜ୍ଞାନେଶ୍ୱର ମନୋହର ମୁଳେ ଯୋଗ ଦେଇଥିଲେ। ସେ କହିଥିଲେ, ଅନୁବାଦ କରିବାକୁ କଳ୍ପନା, ଭାବ ଓ ଅନୁଭବ କରିବାର ଶକ୍ତି ରହିବ ଜରୁରୀ। ମୁଖ୍ୟ ଅତିଥି ଭାବେ ଅନୁବାଦକ ଡ. ଶଙ୍କରଲାଲ୍ ପୁରୋହିତ କହିଛନ୍ତି, ଅନୁବାଦ ହିଁ ବିଭିନ୍ନ ଭାଷା ସାହିତ୍ୟ ମଧ୍ୟରେ ସଂଯୋଗର ସେତୁ ଭୂମିକା ନିର୍ବାହ କରେ। ଅନ୍ୟତମ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା, ଅନୁବାଦକ ରାଧୁ ମିଶ୍ର, ନିର୍ଦ୍ଦେଶକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଜୟଶ୍ରୀ ଦୋରା ଓ ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୫ଟି ଅଧିବେଶନ ଓ ଉଦଯାପନୀ ପର୍ବର ଆୟୋଜନ ହୋଇଥିଲା। ଡ. ଭଗବାନ ତ୍ରିପାଠୀ, ଡ. ବିନତୀ ମୋହନ ଔଦିତ୍ୟ, ମଞ୍ଜୁଳା ଆସ୍ଥାନା ମହାନ୍ତି ଆଲୋଚନା କରିଥିଲେ। ସଂଯୋଜିକା ପ୍ରଫେସର ଅଞ୍ଜୁମନ ଆରା ଅଧିବେଶନ ସଂଯୋଜନା କରିଥିଲେ। ଉଦଯାପନୀ ସମାରୋହରେ ଅନୁବାଦକ ମାନସ ରଞ୍ଜନ ମହାପାତ୍ର, ଡ. ବିନୀତ ମୋହନ ଔଦିତ୍ୟ, ଅନୁବାଦିକା ଶ୍ରଦ୍ଧାଞ୍ଜଳି କାନୁନଗୋ, ପ୍ରଫେସର ଡ. ରାଜେନ୍ଦ୍ର କୁମାର ପାଢ଼ୀ ଓ କନକ ମଞ୍ଜରୀ ସାହୁ ଉପସ୍ଥିତ ଥିଲେ।

## ସ୍ଥାୟୀ ବିସର୍ଜନ କୁଣ୍ଡ ନିର୍ମାଣ ପାଇଁ ବିଏମସି କମିଶନରଙ୍କୁ ପତ୍ର

ଭୁବନେଶ୍ୱର, ୩୦।୯ (ବ୍ୟୁରୋ)

ଦିନକୁ ଦିନ ରାଜଧାନୀ ଭୁବନେଶ୍ୱର ମଧ୍ୟରେ ଥିବା ନଦୀ, ପୁଷ୍କରିଣୀ ଏବଂ ଅନ୍ୟାନ୍ୟ ଜଳାଶୟଗୁଡ଼ିକ ଧୀରେ ଧୀରେ ପ୍ରଦୂଷିତ ହେବାରେ ଲାଗିଛି। ପ୍ରତ୍ୟହ ଲୋକମାନେ ନଦୀ, ପୁଷ୍କରିଣୀରେ ପୂଜା ଫୁଲଠାରୁ ଆରମ୍ଭ କରି ବିଭିନ୍ନ ପୂଜା ସାମଗ୍ରୀ ବିସର୍ଜନ କରୁଛନ୍ତି। ଏଥିପାଇଁ କୌଣସି କଟକଣା ନ ଥିବାରୁ ଦୈନନ୍ଦିନ ପୂଜା ବିସର୍ଜନ ସାମଗ୍ରୀ ନାମରେ ବିଷଯୁକ୍ତ ବର୍ଜ୍ୟ ଫୋପଡା ଯାଉଛି। ଅପରପକ୍ଷେ ବିସର୍ଜନ ପାଇଁ ସହରରେ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଉ ନାହିଁ। ଯାହାଦ୍ୱାରା ନଦୀ, ପୋଖରୀଠାରୁ ଆରମ୍ଭ କରି ନାଳରେ ମଧ ଲୋକମାନେ ପୂଜା ସାମଗ୍ରୀ ବିସର୍ଜନ କରୁଛନ୍ତି। ଫଳରେ କେତେକ ସ୍ଥାନରେ ଜଳ ବି ଜହର ପାଲଟିଗଲାଣି। ଏ ନେଇ ପରିବେଶବିତ୍ ସୁଶାନ୍ତ ସାହୁ ଚିନ୍ତା ପ୍ରକଟ କରିବା ସହ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କୁ ପତ୍ର ମାଧ୍ୟମରେ ନଦୀ, ପୁଷ୍କରିଣୀ ନିକଟରେ ସ୍ଥାୟୀ ବିସର୍ଜନ କୁଣ୍ଡ ନିର୍ମାଣ ଲାଗି ପ୍ରସ୍ତାବ ରଖିଛନ୍ତି। ରାତି ପାହିଲେ ଜନସାଧାରଣ ଠାକୁରଙ୍କ ପୂଜାପାଠ ଓ କର୍ମକାଣ୍ଡ ପରେ ବାହାରୁଥିବା ବର୍ଜ୍ୟ ଯଥା ପଲିଥିନ୍, ପ୍ଲାଷ୍ଟିକ, ରାସାୟନିକଯୁକ୍ତ ରଙ୍ଗର ଦେବାଦେବୀଙ୍କ ମୂର୍ତ୍ତି, କାଚବନ୍ଧେଇ ଠାକୁରଙ୍କ ଫଟୋ, ଫୁଲ, ଫଳ, ଡ଼ାଳ, ବାଲି, ମାଟି, ଗୋବର ଇତ୍ୟାଦି ବିଭିନ୍ନ ଜଳାଶୟରେ ଫିଙ୍ଗି ଦେଉଛନ୍ତି। ଏହାର ପ୍ରଭାବରେ ପରିବେଶ, ଜଳ ଓ ଜଳଚର ଜୀବମାନେ କିଭଳି କ୍ଷତିଗ୍ରସ୍ତ ହୋଇଥାନ୍ତି ତାହା କେହି ଚିନ୍ତା କରନ୍ତି ନାହିଁ। ଯଦ୍ୱାରା ଜଳର ଗୁଣ ଓ ମାନ ନଷ୍ଟ ହୋଇଯାଉଛି। ଯଦି ପ୍ରତ୍ୟହ ଏପରି ଚାଲେ ତେବେ ପିଇବା ପାଇଁ ପାନୀୟ ଜଳ ବି ମିଳିବ ନାହିଁ। ଏହାକୁ ରୋକିବାକୁ ହେଲେ ସ୍ଥାୟୀ ବିସର୍ଜନ କୁଣ୍ଡ ନିର୍ମାଣର ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ଏ ନେଇ ଜନସାଧାରଣଙ୍କୁ ସଚେତନ କରିବା ସହ ବିଭାଗୀୟ କର୍ତ୍ତୃପକ୍ଷ ମାର୍ଗଦର୍ଶିକା ଜାରି କରନ୍ତୁ ବୋଲି ସୁଶାନ୍ତ ଦାବି କରିଛନ୍ତି।

## ୩୬, ୮୦୦ ପାଇ ପୋଲିସକୁ ଦେଲେ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

**କମଲେସଙ୍କୁ କମିଶନରେଟ ପୋଲିସର ପ୍ରଶଂସା**



ଥାନା ଅଧିକାରୀଙ୍କୁ ପାଇଥିବା ଟଙ୍କା ହସ୍ତାନ୍ତର କରୁଛନ୍ତି କମଲେସ।

ଭୁବନେଶ୍ୱର କ୍ୟାପିଟାଲ ଥାନା ଅଞ୍ଚଳରେ ଶୁକ୍ରବାର ବଡ଼ଗଡ଼ ଥାନା ଅନ୍ତର୍ଗତ ବିଜେବି ନଗରର କମଲେସ ପଟ୍ଟନାୟକ ୩୬ ହଜାର ୮୦୦ ଟଙ୍କା ପାଇ ପୋଲିସକୁ ଫେରାଇଛନ୍ତି। ଯାଞ୍ଚ ପରେ କମଲେସଙ୍କ ଉପସ୍ଥିତିରେ ଟଙ୍କା ହଜିଯାଇଥିବା ଅଶୋକ ନଗରର ମନୀଷ ଅଗ୍ରୱାଲଙ୍କୁ ପୋଲିସ ଟଙ୍କା ଫେରାଇ ଦେଇଛି। ତେବେ କମଲେସଙ୍କ ଏଭଳି ମହାନତା ପାଇଁ କମିଶନରେଟ ପୋଲିସ ପକ୍ଷରୁ ପ୍ରଶଂସା କରାଯାଇଛି। ଏଥିସହ ଟଙ୍କା ଫେରିପାଇ ମନୀଷ ମଧ କମଲେସଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ, ବ୍ୟାଙ୍କରେ ଜମା କରିବାକୁ ମନୀଷ ଟଙ୍କା ନେବାବେଳେ ବ୍ୟାଗର ଚେନ ଖୋଲାଥିଲା। ଫଳରେ ଟଙ୍କା ବଣ୍ଡଲ୍ ଖସି ପଡ଼ିଥିଲା। ଅପରାହ୍ନ ପ୍ରାୟ ୨ଟା ୩୦ବେଳେ ଜନପଥସ୍ଥିତ କ୍ରିଷ୍ଣା ଟ୍ରେଡର୍ସ ନିକଟରେ କମଲେସ୍ ଟଙ୍କା ପାଇ କ୍ୟାପିଟାଲ ଥାନାରେ ଦେଇଥିଲେ। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ ଏନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯିବା ପରେ ମନୀଷ ସୂଚନା ପାଇଥିଲେ।

# ଜଳଯୋଗାଣ କେନ୍ଦ୍ରକୁ ବିଦ୍ୟୁତ୍ ବିଚ୍ଛିନ୍ନ ନେଇ ପ୍ରତିବାଦ

ବାରଙ୍ଗ,୩୦।୯(ଡି.ଏନ୍.ଏ.)

**ରାସ୍ତାରେ ବସିଲେ ଗ୍ରାମବାସୀ**



ଚନ୍ଦକା ପଞ୍ଚାୟତର କୁଜିମହଲ ଗାଁରେ ଥିବା ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ପ୍ରତିବାଦରେ ଶୁକ୍ରବାର ଚନ୍ଦକା ସରପଞ୍ଚଙ୍କ ନେତୃତ୍ୱରେ ଗାଁମୁଣ୍ଡରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ସାଢେ ୯ଟାରେ ଖବରପାଇ ଭୁବନେଶ୍ୱର ବ୍ଲକ ବିଡିଓ ସମ୍ପଦ ଦଳେଇ ଏଥିରେ ହସ୍ତକ୍ଷେପ କରିବା ସହ ବିଦ୍ୟୁତ ବିଭାଗ ସହ କଥାହୋଇ ବିଦ୍ୟୁତ ସଂଯୋଗ ଓ ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ ସଂଶୋଧନ ପାଇଁ ଆଲୋଚନାର ବ୍ୟବସ୍ଥା କରୁଛି ବୋଲି କହିବା ପରେ ରାସ୍ତାରୁ ହଟିଥିଲେ। ପ୍ରକାଶ ଯେ, ଚନ୍ଦକା, ସୁନ୍ଦରପୁର, କୁଜିମହଲ ଓ ପଥରଗାଡିଆ ଗ୍ରାମରେ ୫ଟି ଜଳ ଯୋଗାଣ ପ୍ରକଳ୍ପ ରହିଛି। ସେଥିରୁ କୁଜିମହଲରେ ୨ଟି ଜଳଯୋଗାଣ ପ୍ରକଳ୍ପ ଅଛି। କିଛି ମାସ ହେବ ଏହି ପଞ୍ଚାୟତର ଜଳ ଯୋଗାଣ ବିଭାଗ କର୍ତ୍ତୃପକ୍ଷ ବିଲ୍ ପୈଠ ନ କରିବାରୁ ଦୁଇଦିନ ତଳେ ବିଦ୍ୟୁତ୍ ବିଭାଗ କୁଜିମହଲ ଗ୍ରାମକୁ ଆସି ଜଳ ପ୍ରକଳ୍ପର ବିଦ୍ୟୁତ କାଟିଦେଇଥିଲେ। ଫଳରେ ଗ୍ରାମବାସୀ ପାଣି ପାଇଁ ହଇରାଣ ହେଉଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ସକାଳ ୭ଟାରେ ଚନ୍ଦକା ସରପଞ୍ଚ ଅଜୟ ବେହେରାଙ୍କ ନେତୃତ୍ୱରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଫଳରେ ଚନ୍ଦକା-ପିତାପଲ୍ଲୀ ରାସ୍ତାରେ ଯାନବାହନ ଅଟକିଥିଲା। ସରପଞ୍ଚଙ୍କ କହିବା ଅନୁଯାୟୀ, ପଞ୍ଚାୟତର ପିଓ ଜଗବନ୍ଧୁ ବେହେରାଙ୍କୁ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଆସି ବକେୟା ଥିବା ୩୦ହଜାରର ବିଦ୍ୟୁତ ବିଲ୍ ଦେଇଥିଲେ। ପଞ୍ଚାୟତ ପକ୍ଷରୁ ପର୍ଯ୍ୟାୟକ୍ରମେ ଦେୟ ଦେଉଥିଲେ ମଧ ପରେ ଭୁଲ ବିଲ୍ ଆସୁଥିବାରୁ ଏହାକୁ ସଂଶୋଧନ କରିବାକୁ କରିଥିଲୁ। ଏହାଭିତରେ ୧ଲକ୍ଷ ୩୦ହଜାରେ ଟଙ୍କା ପୈଠ କରିଛୁ। ପ୍ରଥମେ ବିଚ୍ଛିନ୍ନ ହୋଇଥିବା ଜଳ ପ୍ରକଳ୍ପକୁ ଲାଇନ୍ ଦିଆଯାଇ ଆଲୋଚନା କଲେ ବାକି ଅର୍ଥ ପୈଠ କରିବୁ।

## ପିପ୍ୟୁଲ ପଦ୍ମଜାରେ ଡାଣ୍ଡିଆ ମହୋତ୍ସବ



କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର,୩୦।୯

ରାଜ୍ୟର ପ୍ରମୁଖ ହୋଟେଲ ୟୁନିଟ୍ ପିପ୍ୟୁଲ ପଦ୍ମଜା ପକ୍ଷରୁ ଚଳିତ ବର୍ଷର ନବରାତ୍ର ଅବସରରେ ଏକ ୬ ଦିନିଆ ଡାଣ୍ଡି ମହୋତ୍ସବର ଆୟୋଜନ କରାଯାଇଛି। ଏହି ମହୋତ୍ସବ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ଜାରି ରହିବ। ବିଶେଷକରି ଭିନ୍ନ ଧରଣର ଡାଣ୍ଡିଆ ମହୋତ୍ସବ ସାଙ୍ଗକୁ ମନୋରଞ୍ଜନ ଏବଂ ଖାଦ୍ୟର ମଜା ମଧ ମହୋତ୍ସବରେ ଅଂଶ ଗ୍ରହଣ କରିଥିବା ଦର୍ଶକଙ୍କୁ ମିଳିବ ବୋଲି ହୋଟେଲ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ବଲିଉଡ୍ ଓ ଓଲିଉଡ୍‌ର କଳାକାରମାନଙ୍କ ଦ୍ୱାରା ଉଭୟ ସାଂସ୍କୃତିକ ସନ୍ଧ୍ୟାର ପରିବେଷଣ କରାଯିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ପିପ୍ୟୁଲ ପଦ୍ମଜାର ନିର୍ଦ୍ଦେଶକ (ଓ) ସୌମ୍ୟଜିତ ମଜୁମଦାର କହିଛନ୍ତି, ଏହି ୬ ଦିନିଆ ଡାଣ୍ଡିଆ ମହୋତ୍ସବ ପାଇଁ ହୋଟେଲ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଓ ସୁବିଧା ସାଙ୍ଗକୁ ଆକର୍ଷଣୀୟ ରିହାତି ମଧ ଅଂଶଗ୍ରହଣକାରୀ ପ୍ରଦାନ କରାଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ମିଲେଟ୍ ସମ୍ପର୍କିତ ପୁସ୍ତକ ‘ଆଦିବାସୀ’ ଉନ୍ମୋଚିତ

ଭୁବନେଶ୍ୱର,୩୦।୯(ବ୍ୟୁରୋ)



୧୯୬୧ ମସିହାଠାରୁ ‘ଆଦିବାସୀ’ ନାମରେ ଏକ ସ୍ୱତନ୍ତ୍ର ଗବେଷଣାମୂଳକ ଜର୍ଣ୍ଣାଲ ପ୍ରକାଶିତ ହୋଇଆସୁଛି । ଏହି ସଂଖ୍ୟାରେ ମିଲେଟ୍ ଓ ଆଦିବାସୀ ସମ୍ପର୍କିତ ଅନେକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଛି। ରାଜ୍ୟ ସରକାର ମିଲେଟ୍ ଚାଷକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ୨୦୨୩କୁ ଭାରତ ସରକାର ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବରେ ପାଳନ କରିବାକୁ ଯାଉଛନ୍ତି। ତେଣୁ ରାଜ୍ୟ ଏସ୍‌ସିଏସ୍‌ଟିଆର୍‌ଟିଆଇ ପକ୍ଷରୁ ମିଲେଟ୍ ସମ୍ବନ୍ଧରେ ପ୍ରକାଶିତ ପୁସ୍ତିକାରେ ଜନଜାତି ପରମ୍ପରା ଓ ମିଲେଟ୍‌ର ପ୍ରଣାଳୀ ସମ୍ପର୍କରେ ଅନେକ ତଥ୍ୟ ସନ୍ନିବେଶିତ ହୋଇଛି। ଏ ନେଇ ଏସ୍‌ସିଏସ୍‌ଟିଆର୍‌ଟିଆଇ ସମ୍ମିଳନୀ କକ୍ଷରେ ଶୁକ୍ରବାର ‘ଆଦିବାସୀ’ ଭଲ୍ୟୁମ୍ ୬୨ ଇସୁ ୧, ଏମ୍ପିରିକାଲ୍ ଷ୍ଟଡି କମ୍ ଡକ୍ୟୁମେଣ୍ଟେସନ୍ ଅନ୍ ଫୋକ୍‌ଲୋର ଅଫ୍ ଖଡ଼ିଆ ଟ୍ରାଇବ୍ ଅଫ୍ ଓଡ଼ିଶା ଓ ଏସ୍‌ସିଏସ୍‌ଟିଆର୍‌ଟିଆଇର ନିଉଜ୍‌ଲେଟର ଭଲ୍ୟୁମ୍ ୧୨, ଇସ୍ୟୁ ୧ ଓ ୨ ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ସେହିପରି ଖଡ଼ିଆ ଜନଜାତିଙ୍କ ଉପରେ ଏକ ତଥ୍ୟମୂଳକ ପୁସ୍ତକକୁ ଓତା ଉନ୍ମୋଚିତ କରିଥିଲେ । ଏଟିଏଲ୍‌ସି ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ଖଡ଼ିଆ ଜନଜାତିଙ୍କ ଲୋକକଳା, ଲୋକକଥା, ଲୋକସଙ୍ଗୀତ, ପୌରାଣିକ କଥା ଆଦି ତଥ୍ୟ ରହିଛି। ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ଓତା ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। କର୍ମଚାରୀମାନେ ପ୍ରଫେସର ଓତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ।

# ପ୍ରାଣନାଥ ଥିଲେ ବୈପ୍ଳବିକ ଚେତନାର ବାର୍ତ୍ତାବାହ

ଭୁବନେଶ୍ୱର,୩୦।୯(ବ୍ୟୁରୋ)




**ସ୍ମୃତି ସମାରୋହରେ ୫ ବ୍ୟକ୍ତି ସମ୍ବର୍ଦ୍ଧିତ**

ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୨ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶୁକ୍ରବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକ ଓଡ଼ିଶା ବୈପ୍ଳବିକ ଚେତନାର ଅନ୍ୟତମ ବାର୍ତ୍ତାବହ ଥିଲେ ବୋଲି ମତ ଦେଇଥିଲେ। ସେ କହିଥିଲେ ସମାଜର ଗରିବ, ଅବହେଳିତ ଓ ଶୋଷିତ ବର୍ଗଙ୍କ ଉତ୍‌ଥାନ ପାଇଁ ପ୍ରାଣନାଥ ସାରା ଜୀବନ ସଂଘର୍ଷ କରିଥିଲେ। ଅନ୍ୟତମ ଅତିଥି ଭାବେ ସାଂସଦ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ବିଧାୟକ ତଥା ‘ସମ୍ବାଦ’ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଚଳିତ ବର୍ଷ ୫ଜଣଙ୍କୁ ‘ପ୍ରାଣନାଥ ସମ୍ମାନ’ ପ୍ରଦାନ ରାଯାଇଥିଲା। ଚିକିତ୍ସା ବିଜ୍ଞାନୀ ଡ. ସି.ବି.କେ. ମହାନ୍ତି, କବି ରକ୍ଷକ ନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ଶିକ୍ଷାବିତ୍ ଡ. ସୌରେନ୍ଦ୍ର କୁମାର ମହାପାତ୍ର ଓ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସମିତିର ସଭାପତି ବର୍ଷିୟାନ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତଥା ସିନେ ସମୀକ୍ଷକ ଦଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ୮୨ ଗ୍ରାମ ହେରୋଇନ ଜବତ, ବେପାରୀ ଗିରଫ



ଜଟଣୀ,୩୦।୯(ଡି.ଏନ୍.ଏ.): ଜଟଣୀରୁ ଶୁକ୍ରବାର ଖୋର୍ଦ୍ଧା ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡ୍ ଜଣେ ହେରୋଇନ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ପୂର୍ଣ୍ଣଚନ୍ଦ୍ର ନାୟକ। ତାଙ୍କ ନିକଟରୁ ୮୨ ଗ୍ରାମ ହେରାଇନ ଜବତ ହୋଇଛି। ଏନେଇ ଏନଡିପିଏସ ଆକ୍ଟରେ ଏକ ମାମଲା (ନଂ.୨୮୩/୨୨)ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜଟଣୀ ପୌରାଞ୍ଚଳ ଲୋକ କଲୋନୀ ମା'ଭଗବତୀ ମନ୍ଦିର ନିକଟରେ ହେରାଇନ କାରବାର ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଫ୍ଲାଇଙ୍ଗ ସ୍କ୍ୱାଡ୍‌ର ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିବା ସହ ହେରାଇନ ଜବତ କରିଥିଲା।

### ପିକ୍‌ଅପ୍ ଭ୍ୟାନ ଚାଳକଙ୍କଠାରୁ ୧.୫ ଲକ୍ଷ ଟଙ୍କା ଲୁଟ୍

ବେଗୁନିଆ,୩୦।୯(ଡି.ଏନ୍.ଏ.): ବେଗୁନିଆ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ନିକଟରୁ ଶୁକ୍ରବାର ଦୁଇ ଜଣ ଦୁର୍ବୃତ୍ତ ପିକଅପ ଭ୍ୟାନ ଚାଳକଙ୍କୁ ମାଡ଼ ମାରିବା ସହ ୧.୫ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଚାଳକ ଅରବିନ୍ଦ ଗୁରୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଘମାରୀ -କଣ୍ଟିଲୋ ସଡ଼କ ପଥ ଦେଇ ଓଡି ୩୩ଓ୍ୱାଇ-୭୦୮୪ ନଂ. ବିଶିଷ୍ଟ ଏକ ପିକ୍‌ଅପ ଭ୍ୟାନ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ରାତି ପ୍ରାୟ ୯ଟା ୧୫ରେ ଗୋବିନ୍ଦପୁର ଛକ ନିକଟ ଏକ ନିଛାଟିଆ ଜାଗାରେ ଦୁଇ ଜଣ ଦୁର୍ବୃତ୍ତ ଭ୍ୟାନଟିକୁ ଅଟକାଇଥିଲେ। ଏହା ପରେ ଚାଳକ କଟକ ଜିଲା ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ କଦାମଲ୍ଲ ଗ୍ରାମର ଅରବିନ୍ଦଙ୍କୁ ମାଡ଼ ମାରି ୧.୫ ଲକ୍ଷ ଟଙ୍କା ଲୁଟିନେଇ ପଳାଇଥିଲେ। ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ ସଦଳବଳ ପହଞ୍ଚି ଆହତ ଅରବିନ୍ଦଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ସୂଚନାଥାଉ କି, କଳାପଥର ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ପରିବା କିଣିବାକୁ ଅରବିନ୍ଦ ଭ୍ୟାନ ନେଇ ଭୁବନେଶ୍ୱର ସ୍ଥିତ ଆଇଗିଣିଆ ଗୋଦାମକୁ ଯାଉଥିଲେ।

### ପ୍ରାଣନାଥଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା ଅଫିସ,୩୦।୯: ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୨ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶୁକ୍ରବାର ଖୋର୍ଦ୍ଧା ସମବାୟ ଛକ ନିକଟ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରାଣନାଥ ସ୍ମୃତି ସମିତିର ସଭାପତି ତଥା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ସମ୍ପାଦକ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଅନ୍ୟତମ ସମ୍ପାଦକ ଗିରିଶ ଚନ୍ଦ୍ର ପଟ୍ଟନାୟକ, ପ୍ରାଣନାଥ କଲେଜର ଅଧକ୍ଷା ଡ. ମୌସୁମୀ କାନୁନଗୋ, ଅଜନ୍ତା ଶତପଥୀ, ପ୍ରଣବ କିଶୋର ମହାନ୍ତି, ଶୁଭେନ୍ଦୁ ମହାନ୍ତି, ମାଧବ ଚନ୍ଦ୍ର ମହାନ୍ତି, ପୌର ପରିଷଦ ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବିଜୟ ସେଠୀ, ସତ୍ୟବାଦୀ ବଳିୟାରସିଂ, ଭୀମସେନ ପ୍ରଧାନ, ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ଦୁର୍ଯ୍ୟୋଧନ ଜେନା, ବିକାଶ ଚନ୍ଦ୍ର ବିଶ୍ୱାଳ, ଗୋପାଳ କୃଷ୍ଣ ଦାସ, ପ୍ରାଣକୃଷ୍ଣ ଦଳବେହେରା, ପ୍ରମୋଦ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ସାମନ୍ତରାୟ, ଧରଣୀଧର ଛୋଟରାୟ, ରାମଶଙ୍କରଙ୍କ ସମେତ ପ୍ରାଣନାଥ କଲେଜ ଏନ୍‌ସିସି ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଟାଙ୍ଗୀ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ହେଲେ ସମରଜିତ୍

ଟାଙ୍ଗୀ (ଖୋର୍ଦ୍ଧା),୩୦।୯(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ମଣ୍ଡଳରେ ଭାରତୀୟ ଜନତା ପାର୍ଟି ଯୁବ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ମନୋନୀତ କରିଥିବା ଜଣାପଡ଼ିଛି। ଟାଙ୍ଗୀ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଭାବେ ସମରଜିତ ଜେନା ଓ କୁହୁଡି ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଭାବେ ଭଗବାନ ସେଠଙ୍କୁ ମନୋନୀତ କରାଯାଇଛି। ଏହି ଦୁଇ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡୟତରାୟ, ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଯୁବ ମୋର୍ଚ୍ଚା ସଭାପତି ପ୍ରଦୀପ ବଡ଼ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସଂଗ୍ରାମୀଙ୍କ ବୀରତ୍ୱ ଗାଥା ଦେଖିଲେ ଗ୍ରାମବାସୀ

## ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

ବୋଲଗଡ଼,୩୦।୯(ଡି.ଏନ୍.ଏ.)

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଅଗଷ୍ଟ ୧୫ରୁ ଅହିଂସା ରଥ ରାଜ୍ୟବ୍ୟାପୀ ପରିକ୍ରମା କରୁଥିବା ବେଳେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ରଥ ଶୁକ୍ରବାର ବୋଲଗଡ଼ ବ୍ଲକ ଅଞ୍ଚଳରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଡାବରଧୁଆ ପଞ୍ଚାୟତ ବୃଡ଼ା ଗ୍ରାମର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏହି ରଥକୁ ବିଡିଓ ଧୋବେଇ ଚରଣ ନାୟକ, ସରପଞ୍ଚ ବିଜୟ କୁମାର ସେଠୀ ଓ ଅନ୍ୟମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ମିଶନ ଶକ୍ତି ଗ୍ରୁପ୍‌ର ସଦସ୍ୟା, ଏନ୍‌ସିସି, ସ୍କାଉଟ୍ସ, ରେଡ୍‌କ୍ରସ, ଅଙ୍ଗନୱାଡି ଓ ଆଶାକର୍ମୀ, ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଚିତା ଓ ଝୋଟିରେ ଜାତୀୟ ପତାକା ଅଙ୍କନ କରାଯାଇଥିବା ବେଳେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ରଥ ଖଦି କେନ୍ଦ୍ର ନିକଟ ଗାନ୍ଧୀ ମଣ୍ଡପଠାରେ ପହଞ୍ଚିବା ପରେ ଏକ ସଭା ଆୟୋଜିତ ହୋଇଥିଲା। ବିଡିଓ, ଅତିରିକ୍ତ ତହସିଲଦାର, ବ୍ଲକ ଶିକ୍ଷାଧିକାରୀ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନାଙ୍କ ସମେତ ରବୀନ୍ଦ୍ର ପରିଡ଼ା, ଗୋପୀନାଥ ଖାଡ଼ଙ୍ଗା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗାନ୍ଧୀଙ୍କ ସହ ବୋଲଗଡ଼ର ସମ୍ପର୍କ ବାବଦରେ ସ୍ମୃତିଚାରଣ କରିଥିଲେ। ପରେ ରଥ ପିତୁକୁଳି ପଞ୍ଚାୟତ ଚମ୍ପାଇଲୋ ଗ୍ରାମରେ ପହଞ୍ଚିଥିଲା। ସୁବାସ ଚନ୍ଦ୍ର ବୋଷ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସୂତାକଟା କେନ୍ଦ୍ରରେ କର୍ମୀମାନଙ୍କୁ ଅରଟ ବଣ୍ଟନ କରାଯାଇଥିଲା। ବୋଲଗଡ଼ ଏବଂ ଚମ୍ପାଇଲୋଠାରେ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଓ ସେମାନଙ୍କ ସଂଘର୍ଷ କାହାଣୀ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଥାନାଧିକାରୀ ରଶ୍ମିରଞ୍ଜନ ସାହୁ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଅହିଂସା ରଥକୁ ସ୍ୱାଗତ ଅବସରରେ ଏନ୍‌ସିସି ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସ୍ଥାୟୀ ବିଇଓ ନିଯୁକ୍ତି ପାଇଁ ଦାବିପତ୍ର

ନିରାକାରପୁର,୩୦।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକରେ ଦୀର୍ଘ ଦିନ ହେବ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ପଦ ପୂରଣ କରା ନ ଯାଇ କାମଚଳା ଶିକ୍ଷାଧିକାରୀଙ୍କ ଦ୍ୱାରା ଅଫିସ କାର୍ଯ୍ୟ କରାଯାଉଛି। ଏଥିସହ ଏମ୍‌ଆଇଏସ୍, ଆକାଉଣ୍ଟାଣ୍ଟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ(ଏ.ବି.ଇ.ଓ ) ଗୋଟିଏ ପଦବୀ ମଧ୍ୟ ଖାଲି ପଡ଼ିଛି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଜିପିଏଫ୍ ଉଠାଣ, ସର୍ଭିସ୍ ବୁକ ଅପଡେଟେସନ୍, ମାତୃତ୍ୱ କାଳୀନ ଛୁଟି ମଞ୍ଜୁର, ପଦୋନ୍ନତି ଆଦି ଅନେକ କାର୍ଯ୍ୟ ହୋଇପାରୁ ନାହିଁ। ତୁରନ୍ତ ପଦବୀଗୁଡିକରେ ନିଯୁକ୍ତି କରାଯିବା ପାଇଁ ଶୁକ୍ରବାର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲା ଶିକ୍ଷାଧିକାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସାବିତ୍ରୀ ସାହୁଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି କିଶୋର ଦାଶ, ପ୍ରଦୀପ ପରିଡା, ଅମ୍ଳାନ ପ୍ରହରାଜ, ବିଜୟ ସେଠୀ, ମମତା ବେହେରା ଉପସ୍ଥିତ ଥିଲେ।

# ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ

## ଯୌତୁକ ନିର୍ଯାତନା ମାମଲା

ଖୋର୍ଦ୍ଧା ଅଫିସ,୩୦।୯

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଖଙ୍ଗୁରିଆ ଗ୍ରାମର ପ୍ରଶାନ୍ତ କୁମାର ହୋତାଙ୍କୁ ୨୦୧୭ ମସିହାରେ ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳର ସୁଚରିତା ଶତପଥୀ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ କିଛିଦିନ ପରେ ଶାଶୁଘର ଲୋକେ ସୁଚରିତାଙ୍କୁ ବାପଘରୁ ୩ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ସ୍ୱାମୀଙ୍କ ସମେତ ଶାଶୁ, ନଣନ୍ଦ, ନଣନ୍ଦେଇ, ଦିଅର ପ୍ରମୁଖ ତାଙ୍କୁ ନିର୍ଯାତନା ଦେଉଥିବା ଗତ ଏପ୍ରିଲ ୧୮ରେ ଅଭିଯୋଗ ହୋଇଥିଲା। ସୁଚରିତାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୯୬/୨୨)ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ସୁଚରିତାଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସୁଚରିତା ମେ' ୨୦ରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅନୁରୋଧ କରିଥିଲେ। ହେଲେ ତଦନ୍ତରେ ପୋଲିସର ଶିଥିଳତା ଯୋଗୁ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟରୁ ଆଗୁଆ ଜାମିନ ପାଇଥିଲେ। ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଥିଲେ ମଧ୍ୟ ତଦନ୍ତକାରୀ ଅଧିକାରୀ ସେମାନଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିବା ନେଇ ଶୁକ୍ରବାର ସୁଚରିତା ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏଥିରେ ଆହୁରି ଉଲ୍ଲେଖ ରହିଛି ଯେ, ତଦନ୍ତକାରୀ ଅଧିକାରୀ ଜାଣିଶୁଣି ତାଙ୍କ ସ୍ୱାମୀଙ୍କୁ ଫେରାର ହେବାରେ ସହାୟତା କରିବା ସହିତ ଆଗୁଆ ଜାମିନ ପାଇବାରେ ମଧ୍ୟ ସହଯୋଗ କରିଛନ୍ତି। ଏପରି କି ଜୋରଜବରଦସ୍ତ ଶ୍ୱଶୁରଘର ଲୋକେ ତାଙ୍କ ଗର୍ଭ ନଷ୍ଟ କରିଦେଇଥିବା ସମସ୍ତ ପ୍ରମାଣପତ୍ର ଦେଇଥିଲେ ମଧ୍ୟ ଦଫା ୩୧୩ ଆଇପିସିକୁ ତଦନ୍ତକାରୀ ଅଧିକାରୀ କାଟି ଦେଇଛନ୍ତି। ଅନ୍ୟପକ୍ଷରେ ଆରକ୍ଷୀ ଅଧୀକ୍ଷକ ଏହି ମାମଲାର ତଦନ୍ତଭାର ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ କୁମାର ଦାଶଙ୍କୁ ଦେଇଥିବା ସୁଚରିତା ଗଣମାଧ୍ୟମକୁ କହିଛନ୍ତି।



ଖୋର୍ଦ୍ଧା: ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ବିଧାୟକ ଏବଂ ଅନ୍ୟମାନେ।

## 'ଅବସର ଏକ ସ୍ୱାଭାବିକ ପ୍ରକ୍ରିୟା'

ବୋଲଗଡ଼,୩୦।୯(ଡି.ଏନ୍.ଏ.)

ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କୁ ଶୁକ୍ରବାର ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ପ୍ରାଧ୍ୟାପକ ହେମନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ। ପ୍ରଥମେ ଅନୁଷ୍ଠାନର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ପରେ କଲେଜ ଆଲୁମ୍‌ନି କମିଟି ସଦସ୍ୟ ଶିବରାମ ଦାଶଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ହରିହର ମହାପାତ୍ର ବିଦାୟକାଳୀନ ସଙ୍ଗୀତ ପରିବେଷଣ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧକ୍ଷ ପ୍ରଫେସର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ଜୟନ୍ତ ବିଶ୍ୱାଳ, ମଦନ ମୋହନ ମହଲା, ସାମାଜିକ କର୍ମୀ କୃଷ୍ଣ ମୋହନ ପାଲ୍‌ଟାସିଂହ, ଏବିଡିଓ ଡ. ରତିକାନ୍ତ ମିଶ୍ର, ପୂର୍ବତନ ଅଧକ୍ଷ ନିରଞ୍ଜନ ମହାନ୍ତି, ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ, ଶରତ ପଣ୍ଡା, ଶିକ୍ଷାବିତ୍ ହରିବନ୍ଧୁ ସାହୁ, ଗୋପୀନାଥ ଖାଡ଼ଙ୍ଗା, ବାଲ୍ମୀକି ବଳିୟାରସିଂହ, ଅଧ୍ୟାପକ ରଙ୍ଗନାଥ ମହାରଣା, ଗାନ୍ଧୀ ସାହୁ, ଗଣେଶ ପଣ୍ଡା, ଅଜୟ ସାହୁ, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ପ୍ରମୁଖ ମତବ୍ୟକ୍ତ କରିଥିଲେ। ସତ୍ୟବ୍ରତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସ୍କନ୍ଦମାତା ବେଶରେ ଦର୍ଶନ ଦେଲେ ମା' ଉଗ୍ରତାରା, ବନଦୁର୍ଗା





ନିରାକାରପୁର,୩୦।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସାନରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ମୂଳୀଝରଗଡ଼ସ୍ଥିତ ମା'ଉଗ୍ରତାରାଙ୍କ ପୀଠରେ ଶାରଦୀୟ ନବଦିନାତ୍ମକ ପୂଜା ଏବଂ ନବରାତ୍ରର ପଞ୍ଚମ ଦିବସରେ ମା' ଉଗ୍ରତାରା ସ୍କନ୍ଦମାତା ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ଶୁକ୍ରବାର ସକାଳେ ମା'ଙ୍କର ମଙ୍ଗଳ ଆଳତି, ପାୟସଭୋଗ, ଷୋଡ଼ଷ ଉପଚାରରେ ମଧ୍ୟାହ୍ନ ଧୂପରେ ଆମିଷ ଭୋଗ, ଚଣ୍ଡୀପାଠ, ସନ୍ଧ୍ୟାରେ ବାଲଭୋଗ, ଆଳତି ପୁଷ୍ପାଞ୍ଜଳି, ଅଧରପଣା ଓ ମହାପ୍ରସାଦ ଅର୍ପଣପୂର୍ବକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ସେହିଭଳି ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ପୂଜାର ପଞ୍ଚମ ଦିବସରେ ସ୍କନ୍ଦମାତା ବେଶରେ ମା' ଦର୍ଶନ ଦେଇଛନ୍ତି। ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## କେବଳାନନ୍ଦ କ୍ରିକେଟ କାର୍ନିଭାଲ ଟୁର୍ନାମେଣ୍ଟ
# ଢେଙ୍କାନାଳ ଫାଇନାଲରେ

ଯାଁଳା,୩୦।୯(ଡି.ଏନ୍.ଏ.)

ଓଗାଳପଡା ବାଳିକା ବିଦ୍ୟାଳୟ ଖେଳପଡିଆରେ କେବଳାନନ୍ଦ ଦ୍ୱିତୀୟ କାର୍ନିଭାଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ କାଇପଦର ଓ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାଇପଦର ୨ ଉଇକେଟ ବିନିମୟରେ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ୪ ଉଇକେଟ ହରାଇ ୧୦୫ ରନ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ୍ ନଁପୁଟ ଓ ଢେଙ୍କାନାଳ କ୍ଲବ ମଧ୍ୟରେ ହୋଇଥିଲା। ନଁପୁଟ ୫ ଉଇକେଟ ବିନିମୟରେ ୭୬ ରନ ସଂଗ୍ରହ କରିଥିଲା। ଜବାବରେ ଢେଙ୍କାନାଳ ଗୋଟିଏ ଉଇକେଟ ବିନିମୟରେ ୭୭ ରନ କରି ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଢେଙ୍କାନାଳ ଓ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ୧ ଉଇକେଟ ହରାଇ ୯ ଓଭରରେ ୧୭୪ ରନ ସଂଗ୍ରହ କରିଥିଲା। ଜାବବରେ କୁମାରବସ୍ତ ୪ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଢେଙ୍କାନାଳର ସୁନିଲ ସାହୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ପ୍ରଦୋଷ ବଳିୟାରସିଂ, ରିୟାଜ ଅଲ୍ଲୀ, ଛବିନାରାୟଣ ସାହୁ ଓ ପ୍ରକାଶ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥି ଭାବେ କିରିଟି ଚନ୍ଦ୍ର ସାମନ୍ତରାୟ, ଅଶୋକ ମଙ୍ଗରାଜ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ୨୧ କେଜି ଗଞ୍ଜେଇ ଜବତ: ୨ ବ୍ୟବସାୟୀ ଗିରଫ

ବେଗୁନିଆ,୩୦।୯(ଡି.ଏନ୍.ଏ.)

ବେଗୁନିଆ ପୋଲିସ ଗୁରୁବାର ଚଢ଼ାଉ କରି ୨୧ କେଜି ୩୫୦ ଗ୍ରାମ୍ ଗଞ୍ଜେଇ ସହ ଏକ ସ୍କୁଟି ଓ ୬ ହଜାର ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଦୁଇଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ଗୋଡ଼ା ଗାଁର ସନ୍ତୋଷ କୁମାର ଶ୍ରୀଚନ୍ଦନ (୩୮) ଓ ଜାମୁସାହି ଗ୍ରାମର ଅର୍ଜୁନ ବରାଳ (୪୦)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୧୦ ହଜାର ଟଙ୍କା ହେବ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୪୫/୨୨) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ଭୋର୍ ପ୍ରାୟ ୫ଟାରେ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ୩ ଜଣ ବ୍ୟକ୍ତି ଏକ ସ୍କୁଟି (ଓଡି ୨୫ଏମ୍-୦୩୩୭)ରେ ଡିଙ୍ଗର-ଗଡ଼ମାଣତୀର ରାସ୍ତାରେ ଯାଉଥିଲେ। ଉକ୍ତ ସ୍କୁଟିରେ ୨ଟି ବସ୍ତା ବୋଝେଇ ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ସନ୍ଦେହ ହେବାରୁ ପାଟ୍ରୋଲିଂ ଗାଡ଼ି ସେମାନଙ୍କ ପିଛା କରିଥିଲା। ଗଡ଼ମାଣତୀର ପଞ୍ଚାୟତ ନିକଟରେ ସ୍କୁଟିକୁ ଅଟକାଇଥିଲା। ଏହି ସମୟରେ ଜଣେ ବ୍ୟକ୍ତି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ବସ୍ତା ଦୁଇଟିକୁ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଥାନା ଅତିରିକ୍ତ ଅଧିକାରୀ ଶମ୍ଭୁନାଥ ନାୟକ ମାମଲାର ତଦନ୍ତ କରୁଛନ୍ତି। ଚଢ଼ାଉ ବେଳେ ଏଏସ୍ଆଇ ମାଧବାନନ୍ଦ ବସ୍ତିଆ, ହାବିଲଦାର ଆର୍.କେ. ବେହେରା, ଏ. ପ୍ରଧାନ, ପି.କେ. ବେହେରା ଏବଂ ବି. ମଙ୍ଗରାଜ ପ୍ରମୁଖ ସାମିଲ ଥିଲେ।

# କବାଡ଼ି ଟୁର୍ନାମେଣ୍ଟ: ବାରଙ୍ଗ ବିଜୟୀ

ବୋଲଗଡ଼,୩୦।୯(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇ କଟେରିବର ଖେଳପଡ଼ିଆରେ ମା'ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କବାଡ଼ି ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱରର କଳିଙ୍ଗ କବାଡ଼ି ଏକାଡେମୀ ଟିମ୍‌କୁ ହରାଇ ବାରଙ୍ଗ ଟିମ୍ ବିଜୟୀ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ବାରଙ୍ଗ ଟିମ୍ ୧୬ ପଏଣ୍ଟ ହାସଲ କରିଥିବା ବେଳେ କଳିଙ୍ଗ କବାଡ଼ି ଏକାଡେମୀ ୧୫ ପଏଣ୍ଟ ପାଇଥିଲା। ମ୍ୟାଚ୍ ଶେଷସୁଦ୍ଧା କଳିଙ୍ଗ ଏକାଡେମୀ ମୋଟ ୨୭ ପଏଣ୍ଟ ପାଇଥିବା ବେଳେ ବାରଙ୍ଗ କବାଡ଼ି ଟିମ୍ ମୋଟ ୪୦ ପଏଣ୍ଟ ପାଇ ବିଜୟୀ ହୋଇଥିଲା। ନୀଳକଣ୍ଠ ବେହେରା, ଗୋପାଳ ମହାନ୍ତି ଏବଂ ସତ୍ୟବ୍ରତ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଅତିରିକ୍ତ ତହସିଲଦାର ପଙ୍କଜବାସିନୀ ଭଞ୍ଜ, ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ମହାନ୍ତି, ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପଟ୍ଟନାୟକ, ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୁରେଶ କୁମାର ସାମନ୍ତରାୟ, ବବିନା ସାହୁ, ଜିତୁ ବଳିୟାରସିଂହ, ଆଲୋକ ଜୟସିଂହ, ସମ୍ବିଦ୍ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



କଟେରିବର ଖେଳପଡ଼ିଆରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତା।

# ଗାନ୍ଧୀ ଐତିହ୍ୟ ସ୍ଥଳରୁ ମାଟି, ଜଳ ସଂଗ୍ରହ

ଖୋର୍ଦ୍ଧା ଅଫିସ,୩୦।୯



ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଖୋର୍ଦ୍ଧା ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ, ଐତିହ୍ୟ ସ୍ଥାନରୁ ପବିତ୍ର ମାଟି ଓ ଜଳ ସଂଗ୍ରହ କରାଯାଇଛି। ଗାନ୍ଧିଜୀ ଗସ୍ତ କରିଥିବା ବାଣପୁରସ୍ଥିତ ପଲ୍‌ଟନ ପଡ଼ିଆରୁ ମାଟି ଓ ସାଳନ୍ଦୀ ନଦୀରୁ ପାଣି ସଂଗ୍ରହ କରାଯାଇଥିଲା। ବାଣପୁର ଏନ୍‌ଏସି ଅଧକ୍ଷ ମିଟୁ ନାୟକ, ଉପାଧକ୍ଷ ପ୍ରାଚୀପ୍ରଭା ସ୍ୱାଇଁ, ବିଡିଓ ବୁଲ୍‌ବୁଲ୍ ବେହେରା, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଏନ୍‌ଏସି ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଜିଲା ପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗାନ୍ଧିଜୀ ଗସ୍ତ କରିଥିବା ବୋଲଗଡ଼ ଖଦି କେନ୍ଦ୍ର ପରିସରରୁ ମଧ୍ୟ ମାଟି ସଂଗ୍ରହ କରାଯାଇଛି। ସ୍ଥାନୀୟ ବିଡିଓ ଧୋବେଇ ନାୟକ, ଅତିରିକ୍ତ ତହସିଲଦାର ପଙ୍କଜା ମଞ୍ଜରୀ ଭଞ୍ଜ, ଐତିହାସିକ ରବୀନ୍ଦ୍ର ପରିଡା, ଶିକ୍ଷାବିତ୍ ଗୋପୀନାଥ ଖାଡଙ୍ଗା, ବ୍ଲକ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ପରେ ଏହି ମାଟି ଓ ପାଣିକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଭୁବନେଶ୍ୱରକୁ ପ୍ରେରଣ କରିବା ପାଇଁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଏହି ପବିତ୍ର ମାଟି ଓ ସଂଗୃହୀତ ଜଳକୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀକୁ ସ୍ମରଣୀୟ ଭାବେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଗାନ୍ଧୀଙ୍କ ଆଦର୍ଶ, ବିଚାର, ଜୀବନୀ ଓ ଓଡ଼ିଶା ଆଗମନ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଅହିଂସା ରଥ ନାମରେ ୪ଟି ରଥ ସମଗ୍ର ଓଡ଼ିଶା ପରିକ୍ରମଣ କରି ସ୍ୱାଧୀନତା ସଂଗ୍ରାମ ଓ ଅହିଂସା ମନ୍ତ୍ରର ଗାଥା ବାଣ୍ଟିଚାଲିଛି। ସେହିପରି ଗାନ୍ଧୀ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକସେବା ଭବନ ପରିସରରେ ଶାନ୍ତି ଓ ପ୍ରଗତିର ପ୍ରତୀକସ୍ୱରୂପ ଅଶ୍ୱତ୍ଥ ଚାରା ରୋପଣ କରାଯିବ। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ଜିଲାରୁ ଯେଉଁଠାକୁ ମହାତ୍ମା ଗାନ୍ଧୀଙ୍କ ଆଗମନ ହୋଇଥିଲା, ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ସ୍ଥାନ କିମ୍ବା ସ୍ୱାଧୀନତା ସଂଗ୍ରାମ ସହ ଜଡ଼ିତ ପ୍ରମୁଖ ସ୍ଥାନରୁ ପବିତ୍ର ମାଟି ଓ ନଦୀରୁ ଜଳ ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ଜୟଦେବ ଭବନକୁ ପଠାଯାଉଛି।

## ବିଜୟ ପଢ଼ିହାରୀ ସମ୍ମାନିତ

**କଟକ ଅଫିସ:** ଫେଡେରେଶନ ଅଫ୍ ଇଣ୍ଡିଆନ୍ ପବ୍ଲିଶର୍ସ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୟ ପଢ଼ିହାରୀ ଶୁକ୍ରବାର ସମ୍ମାନିତ ହୋଇଛନ୍ତି। '୭୫ ବର୍ଷରେ ଭାରତର ପୁସ୍ତକ ପ୍ରକାଶନ' ବହିର ସଂକଳନ କରିବାରେ ଅବଦାନ ପାଇଁ ପଢ଼ିହାରୀଙ୍କୁ କେନ୍ଦ୍ର ବୈଦେଶିକ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ରାଜକୁମାର ରଞ୍ଜନ ସିଂ ଉକ୍ତ ସମ୍ମାନ ପ୍ରଦାନ କରିଛନ୍ତି। ଉକ୍ତ ଉତ୍ସବରେ ପ୍ରଶାସକ, ଖବରଦାତା ଓ ରାଷ୍ଟ୍ରଦୂତ ପ୍ରମୁଖ ଉପସ୍ଥିତ ଥିଲେ।



## ଆଜି କ'ଣ କେଉଁଠି

କଟକ

- ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟର ବାର୍ଷିକ ଉତ୍ସବ, ସହୀଦ ଭବନ, ସକାଳ ୯ଟା।
- ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ, କୈଳାସ ମଣ୍ଡପ, ଶିଖରପୁର, ପୂର୍ବାହ୍ନ ୧୧ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ କବି ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସାରସ୍ୱତ ସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- ଖାନନଗର ପୂଜା କମିଟିର ୭୦ ବର୍ଷ ପୂର୍ତ୍ତି ଅବସରରେ ଅମରନାଥ ମୂର୍ତ୍ତି ଅନାବରଣ ଉତ୍ସବ, ପୂଜା ମଣ୍ଡପ, ଖାନନଗର, ସନ୍ଧ୍ୟା ୬ଟା।
- ମାସିକ ସାହିତ୍ୟ ପତ୍ରିକା 'ସୁଲଗ୍ନା'ର ବାର୍ଷିକ ଉତ୍ସବ ଓ ଶାରଦୀୟ ବିଶେଷାଙ୍କ ଉନ୍ମୋଚନ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

# ଆଜିଠୁ ଲାଗୁ ହେଲା ୱାନ୍ ୱେ ଟ୍ରାଫିକ୍

### କଟକରେ ପାର୍ବଣ ପାଇଁ ଟ୍ରାଫିକ କଟକଣା

କଟକ ଅଫିସ,୩୦।୯

ଦଶହରା ପାଇଁ କଟକ ସହରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଶେଷକରି ଅକ୍ଟୋବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ପୂଜା ଓ ୬ ତାରିଖ ଭସାଣିରେ ଲୋକଙ୍କ ଯାତାୟାତ ନିମନ୍ତେ ୱାନ ୱେ ଟ୍ରାଫିକ ବ୍ୟବସ୍ଥାକୁ ଲାଗୁ କରାଯାଇଛି। ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୪ଟାରୁ ରାତି ୧୨ଟା ଯାଏ ନିୟମ ବଳବତ୍ତର ରହିବ। ହାଓଡ଼ାମୋଟର ଛକଠାରୁ କୌଣସି ଯାନବାହନ ସିଧା ମଙ୍ଗଳାବାଗ ଛକ ଆଡ଼କୁ ଯାଇପାରିବେ ନାହିଁ। ଗାଡ଼ିଗୁଡ଼ିକ ହାଓଡ଼ାମୋଟର ଛକଠାରୁ ମାତାମଠ ଦେଇ ମହାନଦୀ ରିଂବନ୍ଧରେ ଆସି ମଲ୍ଲାସାହି ବା କାଠଗୋଲା ଦେଇ ମଙ୍ଗଳାବାଗ ଯିବ। ମଙ୍ଗଳାବାଗ ପୁରୁଣା ଦେବୀଘର ଛକଠାରୁ କୌଣସି ଯାନବାହନ ବଣିଆସାହି ବା ଥୋରିଆସାହି ଆଡ଼କୁ ଯାଇପାରିବ ନାହିଁ। ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ସମସ୍ତ ଗାଡ଼ି ବକ୍ସିବଜାର ପୋଲ ଛକରୁ ରାଣୀହାଟ ଆଡ଼କୁ ଯାଇପାରିବ ନାହିଁ। ଉକ୍ତ ଯାନଗୁଡ଼ିକୁ ବଜ୍ରକବାଟି ପୋଲଛକରୁ ବାମକୁ ଭାଙ୍ଗି କେନାଲ ରାସ୍ତାରେ ଗନ୍ଧାଡିଆ କବର ସ୍ଥାନ କେଶରପୁର ଛକ ଦେଇ ମଙ୍ଗଳାବାଗ କିମ୍ବା ବକ୍ସିବଜାର ଆଡ଼କୁ ଯାଇପାରିବ ଏବଂ ଫ୍ରେଣ୍ଡସ୍ କଲୋନୀ ଦେଇ ଥୋରିଆସାହି ବାଳିକା ସ୍କୁଲ ପାଖରେ ବାହାରି କେବଳ ମଙ୍ଗଳାବାଗ ଆଡ଼କୁ ଯିବ। ମାତ୍ର ବଣିଆସାହି କିମ୍ବା ଭୂଦାନ ଅଫିସ ଆଡ଼େ ଯାଇପାରିବେ ନାହିଁ। କେଶରପୁର ପୋଲ, ଗନ୍ଧାଡିଆ ଛକ, ଥୋରିଆସାହି, ବାଳିକା ସ୍କୁଲ ଛକ ଓ ଫ୍ରେଣ୍ଡ୍ସ କଲୋନୀ ପାର୍ଶ୍ୱରୁ କୌଣସି ଯାନ ବଜ୍ରକବାଟି ପୋଲ ଆଡ଼କୁ ଯାଇପାରିବେ ନାହିଁ। ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ଯାନଗୁଡ଼ିକ ମହତାବ ରୋଡ୍ ଦେଇ ଛତ୍ରବଜାର ଆଡ଼କୁ ଯାଇ ମାଲଗୋଦାମ ଅଭିମୁଖେ ଯାଇପାରିବ।

ଛତ୍ରବଜାର ପୋଲ ପାଖରୁ କୌଣସି ଯାନବାହାନ ଛତ୍ରବଜାର ଦେଇ ମହତାବ ରୋଡ୍ ଆଡ଼କୁ କିମ୍ବା ପିଲିଗ୍ରୀମ ରୋଡ୍‌ରେ କଲେଜ ଛକ ଆଡକୁ କିମ୍ବା କେନାଲ ରାସ୍ତାରେ ହିନ୍ଦ୍ ସିନେମା ଆଡ଼କୁ ଯାଇପାରିବେ ନାହିଁ। ହିନ୍ଦ୍ ସିନେମା ହଲ୍ ଆଡୁ କେନାଲ ରାସ୍ତାରେ ଆସୁଥିବା ଯାନଗୁଡ଼ିକ ଛତ୍ରବଜାର ପୋଲ ପାଖରୁ ବାମ ପାଖ ଦେଇ ମାଲଗୋଦାମ ଆଡ଼କୁ ଯାଇପାରିବ କିମ୍ବା ସିଧା ସମ୍ରାଟ ସିନେମା ହଲ୍ ଆଡ଼କୁ ଯାଇପାରିବ। କୌଣସି ଯାନବାହାନ ଛତ୍ରବଜାର କିମ୍ବା ମାଲଗୋଦାମ ପଟରୁ ମହତାବ ରୋଡ୍‌ରେ ଦୋଳମୁଣ୍ଡାଇ ଆଡ଼କୁ ଯାଇପାରିବେ ନାହିଁ। ମାଲଗୋଦାମରୁ କୌଣସି ଯାନ ଛତ୍ରବଜାର ଆଡ଼କୁ ବା ପିଲିଗ୍ରୀମ ରୋଡ୍ ଦେଇ କଲେଜ ଛକ ଯାଇପାରିବ ନୋହିଁ। ପିଠାପୁର ଓ ଝୋଲାସାହି ଆଡୁ ଆସୁଥିବା ଯାନ ଝୋଲାସାହି ଫୋନ୍‌ବକ୍ସ ଛକରୁ ବାମପଟେ ଗୋପାଳଜୀଉ ଲେନ୍, ବଙ୍ଗାଳିସାହି, କିମ୍ବା ସିଧା ନନ୍ଦିସାହି ଛକ ଆଡ଼କୁ ନ ଯାଇ ଫୋନବକ୍ସ ଛକରୁ ଡାହାଣକୁ ମୋଡ଼ି କାଠଗଡ଼ାସାହି ଦେଇ ଧର୍ମଶାଳା ଛକରୁ ଫୁଲ ଦୋକାନ ସାମ୍ନା ରାସ୍ତାରେ ଉତ୍କଳିକା ଦେଇ ଜେଲରୋଡ୍ କିମ୍ବା ଗୌରୀଶଙ୍କର ପାର୍କ ଆଡ଼କୁ ଯାଇପାରିବେ।

ପୁରୁଣା ଜେଲ୍ ଛକରୁ ଚୌଧୁରୀ ବଜାର ଆଡ଼କୁ ଆସୁଥିବା ଯାନ ଗୌରୀଶଙ୍କର ପାର୍କ ସବ୍‌ଷ୍ଟେଶନ ଛକରୁ ସିଧା ଚୌଧୁରୀବଜାର ଛକ ଆଡ଼କୁ ଯାଇପାରିବ ନାହିଁ। ଚୌଧୁରୀବଜାର ଛକରୁ କୌଣସି ଯାନ ଗୌରୀଶଙ୍କର ପାର୍କ ଆଡ଼କୁ ଯାଇପାରିବ ନାହିଁ। ସେହିପରି ବାଲୁବଜାର ଛକରୁ ନିମ୍‌ଚୌଡ଼ି ଛକ, ଇପାରୀଗୋବିନ୍ଦ ଗହଣା ଦୋକାନ ଛକ ଓ ହାଇକୋର୍ଟ ଛକ ଦେଇ ଗାଡିଗୁଡିକ ଚାନ୍ଦିନୀଚୌକ ଯାଇପାରିବ ନାହିଁ। କାଳିଗଳି ଭିତରୁ ଆସୁଥିବା ଯାନ ଚାନ୍ଦିନୀଚୌକ ଯାଇପାରିବ ନାହିଁ। କେବଳ ହାଇକୋର୍ଟ ଛକ ଆଡ଼କୁ ଯାଇପାରିବ। ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଅନୁରୂପ ଭାବେ ୱାନ୍ ୱେ ଟ୍ରାଫିକ କାର୍ଯ୍ୟ କରିବ ବୋଲି ଡିସିପି ପିନାକ ମିଶ୍ର ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।



କଟକ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ଶୁକ୍ରବାର ଅନୁଷ୍ଠିତ ଫଟୋଚିତ୍ର ପ୍ରଦର୍ଶନୀକୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ବୁଲି ଦେଖୁଛନ୍ତି।

## ପାର୍ବଣ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



କଟକ ଅଫିସ,୩୦।୯

ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ଶନିବାର ମା' ଦୁର୍ଗାଙ୍କ ଷଷ୍ଠୀ ପୂଜା ଅନୁଷ୍ଠିତ ହେବ। ବିଭିନ୍ନ ମଣ୍ଡପରେ ୫ ଦିନ ଧରି ପୂଜା ଓ ପରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳା ସହ ସମାପନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଜୋର୍‌ଦାର୍ ପ୍ରସ୍ତୁତି ହୋଇଛି। ଏଥିପାଇଁ ପୋଲିସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। କଟକ ଷ୍ଟେଶନ ବଜାର ଛକ ନିକଟରୁ ଏହି ଫ୍ଲାଗ୍‌ମାର୍ଚ୍ଚ ବାହାରି କଲେଜଛକ, ବକ୍ସିବଜାର, ଗୌରୀଶଙ୍କର ପାର୍କ ଦେଇ ଦେବୀଗଡ଼ାରେ ପହଞ୍ଚିଥିଲା। ଏଥିରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ପୂଜାକୁ ଅପରାଧମୁକ୍ତ, ଶୃଙ୍ଖଳିତ କରିବା ପାଇଁ ଫୋର୍ସର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ।

## ସହରରୁ ଅସୁରକ୍ଷିତ କୋଠା ଭଙ୍ଗାଯିବ

■ମାଟିରେ ମିଶିଲା ଦୀର୍ଘବର୍ଷର ପୁରୁଣା ଘର
■ଯାଞ୍ଚ ପାଇଁ ସ୍ୱତନ୍ତ୍ର ଟିମ୍ ଗଠିତ

କଟକ ଅଫିସ,୩୦।୯

କଟକ ସହରରେ ଅସୁରକ୍ଷିତ ଅବସ୍ଥାରେ ଥିବା ପୁରୁଣା କୋଠାଗୁଡ଼ିକ ଭଙ୍ଗାଯିବ। ଉଭୟ ସରକାରୀ ଓ ବେସରକାରୀ କୋଠା ଭାଙ୍ଗିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ସ୍ଥିର କରିଛି। ଏଥିପାଇଁ ଶୁକ୍ରବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳାବାଗ ନୂଆପାଟଣା ଅଞ୍ଚଳରେ ଥିବା ଦୀର୍ଘବର୍ଷର ପୁରୁଣା ଦୁଇ ମହଲା କୋଠାକୁ ଭଙ୍ଗାଯାଇଛି। ଆଗାମୀ ଦିନରେ ସହରର ବିଭିନ୍ନ ସ୍ଥାନରେ ଥିବା ଅସୁରକ୍ଷିତ ଓ ପୁରୁଣା କୋଠାକୁ ଚିହ୍ନଟ କରାଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସହରର ବିଭିନ୍ନ ସ୍ଥାନ ବୁଲି ଘରଗୁଡ଼ିକର ସ୍ଥିତି ଯାଞ୍ଚ କରିବ। ଯେଉଁ କୋଠା ଅସୁରକ୍ଷିତ ଥିବ ତାହାକୁ ଭାଙ୍ଗିବା ପୂର୍ବରୁ ନୋଟିସ୍ ଦିଆଯିବ। ପ୍ରଥମେ ଘର ମାଲିକଙ୍କୁ ଭାଙ୍ଗିବାକୁ କୁହାଯିବ। ଯଦି ସେ ନ ଭାଙ୍ଗନ୍ତି ତେବେ ପ୍ରଶାସନ ତାହାକୁ ଭାଙ୍ଗିବ। ଏଥିପାଇଁ ଯାହା ଖର୍ଚ୍ଚ ହେବ, ସେ ଅର୍ଥ ଘର ମାଲିକଙ୍କଠାରୁ ଆଦାୟ କରାଯିବ ବୋଲି ଡେପୁଟି କମିଶନର ଅଜୟ ମହାନ୍ତି ସୂଚନା ଦେଇଛନ୍ତି। ଘର ମାଲିକ ଅର୍ଥ ଦାଖଲ ନ କଲେ ଆଇନ ଅନୁଯାୟୀ ସିଏମ୍‌ସି ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସିଏମ୍‌ସି ପକ୍ଷରୁ ସହରରେ ୨୦ରୁ ଊର୍ଦ୍ଧ୍ୱ ଅସୁରକ୍ଷିତ କୋଠାର ତାଲିକା ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର ସେଗୁଡ଼ିକ ଭଙ୍ଗାଯିବ ବୋଲି ସୂଚନା ମିଳିଛି।

## ଚଣ୍ଡୀମନ୍ଦିରରେ ଭକ୍ତଙ୍କ ବେକରୁ ସୁନାଚେନ୍ ଲୁଟ୍, ମହିଳା ଗିରଫ

କଟକ ଅଫିସ,୩୦।୯: କଟକ ଚଣ୍ଡୀମନ୍ଦିର ପରିସରରୁ ଭକ୍ତଙ୍କ ସୁନାଚେନ୍ ଲୁଟ୍ କରିବା ଅଭିଯୋଗରେ ଲାଲବାଗ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ବରାଳ ପୋଖରୀ ଅଞ୍ଚଳର କେ. ଗୀତା (୫୨)। ତାଙ୍କଠାରୁ ଲୁଟ୍ ସୁନାଚେନ୍ ଜବତ ହୋଇଛି। ଏନେଇ ଲାଲବାଗ ଥାନାରେ କେସ ନଂ ୨୩୧/୨୦୨୨ ରୁଜୁ ହେବା ସହ ଗିରଫ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିଡ଼ାନାସୀ ଥାନା ଅନ୍ତର୍ଗତ ନୂଆସାହିର ସରସ୍ୱତୀ ଲେଙ୍କା ପରିବାର ସହିତ ଗତ ୨୫ ତାରିଖରେ ଚଣ୍ଡୀମନ୍ଦିରକୁ ମା'ଙ୍କ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ଗୀତା ତାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୩୧/୨୨) ରୁଜୁ କରିଥିଲା। ପରେ ମନ୍ଦିରର ସିସିଟିଭି ଯାଞ୍ଚ କରି ମହିଳାଙ୍କୁ ଗିରଫ କରିଥିଲା।

## ରାଜ୍ୟସ୍ତରୀୟ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

### 'ବିଶ୍ୱରେ ସମ୍ମାନର ସହ ଗ୍ରହଣ କରାଯାଉଛି ଗାନ୍ଧିବାଦ'

କଟକ ଅଫିସ/ଫୁଲନଖରା, ୩୦।୯(ଡି.ଏନ୍.ଏ.)- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ 'ଗାନ୍ଧିଜୀ ଓ ଓଡିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ କଟକ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରି କହିଥିଲେ, ବିଶ୍ୱରେ ଗାନ୍ଧିବାଦକୁ ସମ୍ମାନର ସହ ଗ୍ରହଣ କରାଯାଉଛି। ଆଜି ମଧ୍ୟ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ମାନସିକସ୍ତରରେ ସମସ୍ତେ ଏହାକୁ ଅନୁଭବ କରୁଛୁ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରଦର୍ଶନୀରେ ବହୁ ଦୁର୍ଲଭ ଫଟୋଚିତ୍ର ସ୍ଥାନିତ କରାଯାଇଛି। ସ୍ୱାଧୀନତା ସଂଗ୍ରାମୀମାନଙ୍କ ଆଲୋକଚିତ୍ର ମଧ୍ୟ ସ୍ଥାନ ପାଇଛି। କଟକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏହି ପ୍ରଦର୍ଶନୀ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ନବୀକରଣ ଚାନ୍ଦିମେଢ଼ ଉଦ୍‌ଘାଟିତ

କଟକ ଅଫିସ, ୩୦।୯

କଟକ ଚଣ୍ଡୀରୋଡ୍‌ସ୍ଥିତ ଶେଖ୍‌ବଜାର ପୂଜା କମିଟିର ନବୀକରଣ ଚାନ୍ଦିମେଢ଼ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା କ୍ରିକେଟ୍ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ସଂଗଠକ ଆଶୀର୍ବାଦ ବେହେରା, ପୂଜା କମିଟି ସଭାପତି ରାଜକିଶୋର ନାୟକ, ସାଧାରଣ ସମ୍ପାଦକ କିଶୋର ବେହେରା, କର୍ପୋରେଟର ବାସନ୍ତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ୧୯୯୧ରେ ଏଠାରେ ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା। ଏହି ମେଢର ପ୍ରାୟ ୭୦ ଭାଗ ବଦଳାଯାଇ ସୂକ୍ଷ୍ମ ତାରକଶି କାରୁକାର୍ଯ୍ୟରେ ନିର୍ମାଣ କରାଯାଇଛି। ମେଢ଼ରେ ଆହୁରି ୬୦ କେଜି ଚାନ୍ଦି ମିଶ୍ରଣ କରାଯାଇଛି । ସେହିପରି ମେଢ଼ର ଉପର ଅଂଶରେ ମା' କଟକ ଚଣ୍ଡୀଙ୍କ ମୁଖମଣ୍ଡଳ ସ୍ଥାନିତ କରାଯାଇଛି।

## ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା

କଟକ ସଦର, ୩୦।୯(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବମ୍ଫୁରୀ ଗ୍ରାମର ଗଣପତି ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଜ୍ଞାନମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ସପ୍ତମ ଶ୍ରେଣୀର ପିଲାମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ସାଇପ୍ରଜ୍ଞା ପାତ୍ର, ଅନ୍ୱେଷା ସାହୁ, ସାଇ ଶୁଭମ ପାତ୍ର, ପ୍ରୀୟଂଶୁ ସାହୁ, ପ୍ରୀତିକ୍ରିଷ୍ଣା ସାହୁ ଓ ଅନ୍ୱେଷା ଜେନା ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଅଭୟ ମହାପାତ୍ର, ବିଜୟ ଭୂଷଣ ପରିଡ଼ା ଓ ପ୍ରଧାନ ଆଚାର୍ଯ୍ୟ ଜୟନ୍ତୀ ପତି ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଏହି ମେଳାରେ କନ୍ଦରପୁର ସରପଞ୍ଚ ସୁବାସିନୀ ରାଉତ, ସମିତି ସଭ୍ୟ ଶାରଦା ପ୍ରସାଦ ସ୍ୱାଇଁ, ବାଗ୍‌ଦେବୀ ସାହୁ, ସୁପ୍ରିୟା ବେଉରା, ମଧୁସ୍ମିତା ବେହେରା ଓ ମଧୁସ୍ମିତା ସାହୁ ଉପସ୍ଥିତ ଥିଲେ।

## ଚାନ୍ଦିମେଢ଼ ଉଦ୍‌ଘାଟିତ



କଟକ ଅଫିସ,୩୦।୯

ସହରରେ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମା'ଙ୍କ ଷଷ୍ଠୀ ପୂଜା ପାଇଁ ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛି । ଇତିମଧ୍ୟରେ କଲେଜ ଛକ ପୂଜା ପ୍ରତିଷ୍ଠାନ ପକ୍ଷରୁ ନୂତନ ଚାନ୍ଦିମେଢ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିସିପି ପିନାକ ମିଶ୍ର, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପ୍ରଭାତ ତ୍ରିପାଠୀ, ପୂଜା ପ୍ରତିଷ୍ଠାନ ସଭାପତି ଉତ୍ତମ ବେହେରା, ସମ୍ପାଦକ ଜଗନ୍ନାଥ ସାହୁ, କୋଷାଧ୍ୟକ୍ଷ ଲୋକନାଥ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଢର ଓଜନ ପ୍ରାୟ ୩ କୁଇଣ୍ଟାଲ ରହିଛି। ଏହାକୁ ମିଶାଇ ସହରରେ ଚାନ୍ଦି ମେଢ ସଂଖ୍ୟା ୨୮ରେ ପହଞ୍ଚିଛି। ୧୯୫୬ରେ କଟକରେ ପ୍ରଥମ ଚାନ୍ଦିମେଢ ଦେଖିବାକୁ ମିଳିଥିଲା। ପ୍ରଥମେ ଚୌଧୁରୀ ବଜାର ପୂଜାମଣ୍ଡପରେ ଚାନ୍ଦିମେଢରେ ଶୋଭା ପାଇଥିଲେ ମା' ଦୁର୍ଗା।

## ୨୧.୭ କେଜି ଗଞ୍ଜେଇ ଜବତ, ୮ ଗିରଫ

### ୪ ସ୍ଥାନରେ ଚଢ଼ାଉ

କଟକ ଅଫିସ,୩୦।୯

ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଚାଉଳିଆଗଞ୍ଜ, ମଧୁପାଟଣା, ଲାଲବାଗ ଓ ବିଡ଼ାନାସୀ ଥାନା ଅଞ୍ଚଳରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଉକ୍ତ ସ୍ଥାନରୁ ମୋଟ୍ ୨୧.୫ କେଜି ଗଞ୍ଜେଇ ଜବତ କରାଯାଇଥିବାବେଳେ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ନେହେରୁପଲ୍ଲୀର ରଞ୍ଜନ ବେହେରା ଓ ଚାଉଳିଆଗଞ୍ଜ ମଠସାହିର ଶ୍ରୀଧର ସାହୁ ରେଳଷ୍ଟେଶନଠାରୁ ଚାଉଳିଆଗଞ୍ଜକୁ ବେଆଇନ ଗଞ୍ଜେଇ ଚାଲାଣ କରୁଥିବାବେଳେ ପୋଲିସ ଗିରଫ କରିଥିଲା। ସେମାନଙ୍କଠାରୁ ୧୨ କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ ଚାଉଳିଆଗଞ୍ଜ ଥାନାରେ ମାମଲା(ନଂ.୩୧୮/୨୨) ରୁଜୁ ହୋଇଛି।

ସେହିପରି ମଧୁପାଟଣା ଥାନା ଅଧୀନ ଶ୍ରୀରାମନଗର ନିଉ କଲୋନୀ ନିକଟରେ ଗଞ୍ଜେଇ କାରବାର କରୁଥିବାବେଳେ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ୪୨ ମୌଜା ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ଲଲାଟ କୁମାର ପତି ଓ ଝାଞ୍ଜିରୀମଙ୍ଗଳା ତେଲିସାହିର ସୌଭାଗ୍ୟ ସାହୁ। ସେମାନଙ୍କଠାରୁ ୩ କେଜି ୫୫୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ଏ ନେଇ ଥାନାରେ ମାମଲା(ନଂ.୨୮୦/୨୨) ରୁଜୁ ହୋଇଛି।

ଲାଲବାଗ ଥାନା ଅଧୀନ ବନ୍ଧବାସେଲୀ ଛକ ନିକଟରେ ଗଞ୍ଜେଇ କାରବାର କରୁଥିବା ୨ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେମାନେ ହେଲେ ଅଲିଶାବଜାର ଗୋପାଳସାହିର ରାକେଶ ଜେନା ଓ ଗଙ୍ଗାମନ୍ଦିରର ବଳରାମ ସାହୁ। ସେମାନଙ୍କଠାରୁ ୩ କେଜି ୮୦ ଗ୍ରାମ୍ ଗଞ୍ଜେଇ ଓ ୧୫୪୦ ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୨୩୨/୨୨) ରୁଜୁ ହୋଇଛି। ସେହିପରି ବିଡ଼ାନାସୀ ଥାନା ଅଧୀନ ଚହଟା ବସ୍‌ଷ୍ଟପ ନିକଟରେ ଗଞ୍ଜେଇ କାରବାର କରୁଥିବା ବେଳେ ୨ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେମାନେ ହେଲେ କଟକ ସତୀଚଉରା ଅଞ୍ଚଳରେ ରହୁଥିବା ହରିୟାଣା ପାନିପଥ ଜିଲା ବାପାଳିର ମନୋଜ କାଶ୍ୟପ ଓ ବିଡ଼ାନାସୀ ମୁଣ୍ଡାସାହିର ମନୋଜ ଦାସ। ସେମାନଙ୍କଠାରୁ ୩ କେଜି ୧୨୦ ଗ୍ରାମ୍ ଗଞ୍ଜେଇ, ୩୫ ହଜାର ଟଙ୍କା ଓ ଏକ ମୋବାଇଲ ଫୋନ୍ ଜବତ ହୋଇଛି । ଏ ନେଇ ଥାନାରେ ଏକ ମାମଲା(ନଂ.୧୬୩/୨୨) ରୁଜୁ ହୋଇଛି।

## ଗଡ଼ଖାଇରେ ରାସ୍ତା ନିର୍ମାଣକୁ ବିରୋଧ

କଟକ ଅଫିସ, ୩୦।୯- ଐତିହାସିକ ଗଡଖାଇରେ ହେଉଥିବା ରାସ୍ତା ନିର୍ମାଣକୁ ସିଭିଲ ସୋସାଇଟି ପକ୍ଷରୁ ବିରୋଧ କରାଯାଇଛି। ସୋସାଇଟି ପକ୍ଷରୁ ଶୁକ୍ରବାର ଗଡ଼ଖାଇଠାରେ ଅନୁଷ୍ଠିତ ବିରୋଧ ପ୍ରଦର୍ଶନରେ ଆଇନଜୀବୀ ଗୁରୁ ମହାନ୍ତି କହିଛନ୍ତି, କଟକ ସହରର ମୂକ ସାକ୍ଷୀ କିଲ୍ଲା ଦୁର୍ଗକୁ ସୁରକ୍ଷା ଦେଇ ଆସିଛି ଗଡ଼ଖାଇ। ହେଲେ ଗଡଖାଇର ପୁନରୁଦ୍ଧାର ଓ ବିକାଶ କରିବା ପରିବର୍ତ୍ତେ ସେଠାରେ ରାସ୍ତା ନିର୍ମାଣ କରାଯାଉଛି। ଆଗାମୀ ୧୦ ଦିନ ଭିତରେ ନିର୍ମାଣ କାର୍ଯ୍ୟକୁ ଭଙ୍ଗା ନ ଗଲେ କୋର୍ଟଙ୍କ ଆଶ୍ରୟ ନେବା ସହିତ ଆମରଣ ଅନଶନରେ ବସିବେ ବୋଲି ମହାନ୍ତି କହିଛନ୍ତି। ଏଥିରେ ନୀଳଚକ୍ର ଅନୁଷ୍ଠାନର ସମ୍ପାଦକ ବ୍ରଜ ନନ୍ଦ, ଉତ୍କଳ ସମ୍ମିଳନୀର ସଭାପତି କମରୁଲ ହୁସେନ, ସମ୍ପାଦକ କିଶୋର ମହାନ୍ତି, ଗିରିବାଳା ବେହେରା, କବି ରଞ୍ଜନ ମହାନ୍ତି, ଉତ୍କଳ ଭୂଷଣ ରାଉତରାୟ, ନିତ୍ୟାନନ୍ଦ ରାଉତରାୟ, ଧରଣୀଧର ପଣ୍ଡା, ସେକ୍ ଲିଆକତଉଦ୍ଦିନ ଅହମ୍ମଦ, ଅଶ୍ୱିନୀ ମହାରଣା, ରଶ୍ମି ରଞ୍ଜନ ମିଶ୍ର, ବିହଙ୍ଗରାଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମିନୀ କେୟାରରେ କ୍ୟାଥ୍ ଲ୍ୟାବ୍ ୟୁନିଟ୍ ଉଦ୍‌ଘାଟିତ

କଟକ ଅଫିସ, ୩୦।୯

ହୃଦ୍‌ରୋଗ ଚିକିତ୍ସା ଓ ରୋଗ ନିରୂପଣ ପାଇଁ ଅତ୍ୟାଧୁନିକ କ୍ୟାଥ୍ ଲ୍ୟାବ୍ ୟୁନିଟ୍ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଡ୍ରିମ୍‌ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଉକ୍ତ ୟୁନିଟ୍ ଦ୍ୱାରା ଗ୍ରାମାଞ୍ଚଳର ଗରିବ ରୋଗୀ ବିଶେଷ ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଶିଶୁଶଙ୍କର ମିଶ୍ର, ପ୍ରତିମା ମିଶ୍ର, ମିଲନ୍ କୁମାର ଘଡାଇ, ବର୍ଣ୍ଣାଂଶୁ ପଟ୍ଟନାୟକ, ଅର୍ପିତା ଆଚାର୍ଯ୍ୟ, ବିଶ୍ୱରଞ୍ଜନ ମହାପାତ୍ର, ରାଜେଶ ମହାନ୍ତି, ଅଶୋକ ଶତପଥୀ, ଦୀପକ ସ୍ୱାଇଁ, ବିନାୟକ ଜୟସ୍ୱାଲ, ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, କୌସ୍ତୁଭ ମୁଖାର୍ଜୀ, ସଞ୍ଜୀବ ପ୍ରହରାଜ, ପ୍ରଦ୍ୟୁତ୍ ଷଡଙ୍ଗୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସନ୍ନ ସାହୁ, ଅତୁଲ୍ୟ ଷଡଙ୍ଗୀ, ସାରଦା ପ୍ରସାଦ ପଣ୍ଡା. ଶିବରାମ ସୁର୍, ଦୈତାରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# 'ନିଷ୍ଠାର ସହ ଦିବ୍ୟାଙ୍ଗଙ୍କ ସେବା କରିବା ଉଚିତ'

କଣ୍ଟାପଡା, ୩୦।୯(ଡି.ଏନ୍.ଏ.)

କଟକ ଜିଲା କଣ୍ଟାପଡା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍.ଭି. ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ୱାର୍ଡ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଯୋଗଦେଇ କହିଥିଲେ, ପାଠପଢ଼ି ଡାକ୍ତରୀ ପ୍ରମାଣପତ୍ର ପାଇଗଲେ ହେବନାହିଁ ବରଂ ନିଷ୍ଠାର ସହ ଦିବ୍ୟାଙ୍ଗଙ୍କ ସେବା କରିବା ଉଚିତ୍। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଅନ୍ତର୍ଜାତୀୟ ସ୍ତରରେ ଏସ୍‌ଭି ନିର୍‌ତାର୍‌ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାର ସବୁବେଳେ ତତ୍ପର। ଅନ୍ୟତମ ଅତିଥି ଭାବେ କେନ୍ଦ୍ର ସାମାଜିକ ନ୍ୟାୟକାରିତା ମନ୍ତ୍ରଣାଳୟର ମନ୍ତ୍ରୀ ବୀରେନ୍ଦ୍ର କୁମାର ଯୋଗଦେଇ ଦିବ୍ୟାଙ୍ଗଙ୍କ ପୁନର୍ବାସ କ୍ଷେତ୍ରରେ ଏସ୍‌ଭି ନିର୍‌ତାର୍‌ର ଭୂମିକା ଦେଶରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନଡ୍ଡା ୧୦୦ ଶଯ୍ୟା ବିଶିଷ୍ଟ ନୂତନ ୱାର୍ଡ ଉଦ୍‌ଘାଟନ କରିବା ସହ ନିର୍‌ତାର ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏହି ନୂତନ ୱାର୍ଡରେ ଡିଆର ଏକ୍ସରେ, ରକ୍ତ ପରୀକ୍ଷଣ ପାଇଁ ଉନ୍ନତ ପାଥୋଲୋଜି ପରୀକ୍ଷଣ, ୧୦ଟି ସ୍ୱତନ୍ତ୍ର କ୍ୟାବିନ, ବାର୍ଦ୍ଧକ୍ୟ ଜନିତ ଆକ୍ରାନ୍ତଙ୍କ ପୁନର୍ବାସ ଉପଚାର ଆଦି ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ହେବ। ଏହି କାର୍ଯ୍ୟକ୍ରମରେ ନିର୍‌ତାର୍ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ଆରଇସିଏଲର କାର୍ଯ୍ୟପାଳକ ଟିଏସ୍‌ସି ବୋସ୍କ, ଏନ୍‌ଆଇର ନିର୍ଦ୍ଦେଶକ ବିନିତ ସିଂଘଲ, ବିଭାଗୀୟ ସଚିବ ରାଜେଶ କୁମାର ଅଗ୍ରୱାଲ, ଯୁଗ୍ମ ସଚିବ ରାଜୀବ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୭ଜଣ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ରଶ୍ମିରଞ୍ଜନ ସ୍ୱାଇଁ, ଉପନିର୍ଦ୍ଦେଶକ ଡା. କିଶୋର ମହାପାତ୍ର. ପ୍ରଶାସନିକ ଉପନିର୍ଦ୍ଦେଶକ ଡା. ପବିତ୍ର ସାହୁ, ଅଧ୍ୟାପକ ଶ୍ରୀକାନ୍ତ ମହାରଣା, ରାଜେଶ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନଡ୍ଡା ଏସ୍‌ଭି ନିର୍‌ତାର୍‌ରୁ ଫେରିବା ପରେ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ଭାଜପା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଜପା ନେତା ଛବି ମଲ୍ଲିକ, ପ୍ରତାପ ରାଉତରାୟ, କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇ, ଉପାଧ୍ୟକ୍ଷ ଜତିନ୍ଦ୍ର ବରାଳ, ପ୍ରଶାନ୍ତ ବେହେରା, ସରପଞ୍ଚ ନିର୍ମଳ ସାହୁ ପ୍ରମୁଖ ନଡ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ନୂତନ ୱାର୍ଡ ଉଦ୍‌ଘାଟନ କରୁଛନ୍ତି।

### ଏସ୍‌ଭି ନିର୍‌ତାରରେ ନୂତନ ୱାର୍ଡ ଉଦ୍‌ଘାଟିତ

**ବ୍ରାଉନ ସୁଗାର ଜବତ: ୨ ଗିରଫ** | ପୁରୀ ଅଫିସ: ବ୍ରାଉନସୁଗାର କାରବାର ଅଭିଯୋଗରେ ୨ଜଣଙ୍କୁ ବାସେଳି ସାହି ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ମଙ୍ଗଳା ସାହିର ଅଜୁ ପ୍ରଧାନ ଏବଂ ଟାଉନ ଥାନା ଅଧୀନ ଅର୍ଣ୍ଣପୂର୍ଣ୍ଣା ସେଟ୍ ଅଞ୍ଚଳର ରାଜେନ୍ଦ୍ର ଖଟେଇ। ଏମାନଙ୍କ ନିକଟରୁ ୫.୮୫ ଗ୍ରାମ ବ୍ରାଉନ ସୁଗାର, ଏକ ହଜାର ଟଙ୍କା, ୪ ମୋବାଇଲ ଫୋନ ଏବଂ ଓଡି ୧୩ଜି ୮୮୭୨ ନମ୍ବର ବିଶିଷ୍ଟ ଗୋଟିଏ ବାଇକ୍ ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ ୨୨୮/୨୨) ରୁଜୁ ହୋଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୯।୨୦୨୨

| | |
|---|---|
| ୨,୪୬,୮୬୦ ଟଙ୍କା | |
| ସୁନା | ୩.୯୦୦ ଗ୍ରାମ |
| ରୁପା | ୫୩ ଗ୍ରାମ |

# କର୍ମଚାରୀ, ସହଯୋଗୀ ମିଶି ଚୋରି କରିଥିଲେ

**ପେଟ୍ରୋଲ ପମ୍ପରୁ ଚୋରି ଘଟଣା**

■୭ ଲକ୍ଷ ୪୯ ହଜାର ଟଙ୍କା ଜବତ, ୨ ଗିରଫ

ବଳଙ୍ଗା/ପିପିଲି, ୩୦।୯(ଡି.ଏନ୍.ଏ/ସ୍ୱ.ପ୍ର.):

ବଳଙ୍ଗା-ସାତଶଙ୍ଖ ମୁଖ୍ୟରାସ୍ତାର ରୂପଦେଈପୁର ଛକସ୍ଥିତ ଓମ୍ ଶକ୍ତି ପେଟ୍ରୋଲ ପମ୍ପରୁ ଚୋରି ହୋଇଥିବା ୮ଲକ୍ଷ ୩୧ ହଜାର ୧୯୫ ଟଙ୍କା ମଧ୍ୟରୁ ଗୁରୁବାର ବଳଙ୍ଗା ଥାନା ପୋଲିସ ୭ ଲକ୍ଷ ୪୯ ହଜାର ୭୫ ଟଙ୍କା ଜବତ କରିଛି। ଏହି ଘଟଣାରେ ଗୁରୁବାର ପେଟ୍ରୋଲ ପମ୍ପ କର୍ମଚାରୀ ଶ୍ରବଣ କୁମାର ମଲ୍ଲିକ (ରାଜା) ଓ ତାଙ୍କ ସହଯୋଗୀ ତ୍ରିନାଥ ମଲ୍ଲିକଙ୍କୁ ସେମାନଙ୍କ ଗ୍ରାମ ରୂପଦେଈପୁରରୁ ଗିରଫ କରାଯାଇଛି। ଦୁହେଁ ମିଶି ଯୋଜନାବଦ୍ଧ ଭାବେ ଏହି ଟଙ୍କା ଚୋରି କରିଥିଲେ। ସେମାନେ ପୁରୀ ପେଣ୍ଠକଟା ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିବା ଟଙ୍କାକୁ ପୋଲିସ ଜବତ କରିଛି। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଏହି ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ବରାଳ କହିଛନ୍ତି, ଗତ ୨୭ ତାରିଖ ରାତିରେ ଓମ୍ ଶକ୍ତି ପେଟ୍ରୋଲ ପମ୍ପରୁ ୮ଲକ୍ଷ ୩୧ ହଜାର ୧୯୫ ଟଙ୍କା ଚୋରି ହୋଇଥିବା ନେଇ ମ୍ୟାନେଜର ପ୍ରସନ୍ନ କୁମାର ମିଶ୍ର ବଳଙ୍ଗା ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଏସ୍‌ଡିପିଓ ବରାଳଙ୍କ ନେତୃତ୍ୱରେ ବଳଙ୍ଗା ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ତଦନ୍ତ ଜାରି ରଖିଥିଲେ। ଥାନାଧିକାରୀ ପ୍ରଥମେ ପେଟ୍ରୋଲ ପମ୍ପ ସିସିଟିଭି ଫୁଟେଜ ଆଧାରରେ କର୍ମଚାରୀ ଶ୍ରବଣଙ୍କୁ ପଚରାଉଚରା କରିଥିଲେ। ପରେ ତାଙ୍କ ତଥ୍ୟ ଭିତ୍ତିରେ ତ୍ରିନାଥଙ୍କୁ ଧରିଥିଲେ। ପମ୍ପର ଚାବି ଶ୍ରବଣଙ୍କ ପାଖେ ରହୁଥିଲା। ଟ୍ରେଜେରି ଚାବି ରହିବା ସ୍ଥାନ ସମ୍ପର୍କରେ ମଧ୍ୟ ସେ ଜାଣିଥିଲେ। ତେଣୁ ଦୁହେଁ ମିଶି ଯୋଜନାବଦ୍ଧ ଭାବେ ଟ୍ରେଜେରିରୁ ଟଙ୍କା ଚୋରି କରିଥିଲେ ବୋଲି ଜେରା ବେଳେ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏହାପରେ ଉଭୟଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।



ଖବରଦାତା ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ସୂଚନା ଦେଉଛନ୍ତି।

# କାତ୍ୟାୟନୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା

କାକଟପୁର,୩୦।୯(ଡି.ଏନ୍.ଏ.):

କାକଟପୁର ବାସିନୀ ମା' ମଙ୍ଗଳାଙ୍କ ମନ୍ଦିରରେ ଆଶ୍ୱିନ ମୂଳାଷ୍ଟମୀ ତିଥିରୁ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା ବା ଷୋଳ ପୂଜା। ଶୁକ୍ରବାର ଷଷ୍ଠୀ ତିଥି ହୋଇଥିବାରୁ ମା'ଙ୍କ କାତ୍ୟାୟନୀ ବା କାତିଖର୍ପର ବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ମା'ଙ୍କୁ ପାଦପଦ୍ମ, ଭୁଜ, ଧନୁ, ତୀର, କମାଣ ଲାଗି କରାଯାଇଥିବାବେଳେ ଶୁକ୍ରବାର ତୀରଣ ଲାଗି କରାଯାଇଛି। ମା'ଙ୍କ ଏହି ବେଶକୁ ଦର୍ଶନ କରିବାକୁ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସପ୍ତମୀ ତିଥି ଶନିବାର ରାତିରେ ମା'ଙ୍କ ପ୍ରସିଦ୍ଧ ସିଂହ ବାହିନୀ ବେଶ ଅନୁଷ୍ଠିତ ହେବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ବିରଞ୍ଚି ନାରାୟଣ ବେହେରା ଓ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଦାଶ ସୂଚନା ଦେଇଛନ୍ତି। ଶାରଦୀୟ ପାର୍ବଣ ପୂଜା ପାଇଁ ମା' ମଙ୍ଗଳାଙ୍କ ମନ୍ଦିରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତମାନଙ୍କ ଭିଡ଼ ଲାଗୁଛି। ଉତ୍ସବ ମୁଖର ହୋଇଉଠିଛି କାକଟପୁର ଅଞ୍ଚଳ।



## ସଂକ୍ଷେପରେ

### ମା' ଭଗବତୀଙ୍କ କାତ୍ୟାୟନୀ ବେଶ

କୋଣାର୍କ,୩୦।୯(ଡି.ଏନ୍.ଏ.): କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ହେଉଛନ୍ତି ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ଅନ୍ୟତମ। ମା' ଭଗବତୀ କୋଣାର୍କର ଆରାଧ୍ୟା ଦେବୀ। ଶାରଦୀୟ ନବରାତ୍ରୀ ଅବସରରେ ମା'ଙ୍କ କାତ୍ୟାୟନୀ ବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବେଶ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ଭିଡ ପରିଲକ୍ଷିତ ହୋଇଥିଲା। ଏହି ବେଶ ଦର୍ଶନ କଲେ କୋଟି ଜନ୍ମର ପାତକ ନାଶ ହେବା ସହ କୋଟି ପୁଣ୍ୟର ଫଳ ମିଳିଥାଏ ବୋଲି କିମ୍ବଦନ୍ତୀରୁ ସୂଚନା ମିଳେ। ମାଙ୍କୁ ରୀତିନୀତି ଅନୁଯାୟୀ ପୂଜକ ପୂଜାର୍ଚ୍ଚନା କରିବା ସହ, ବିଭିନ୍ନ ପ୍ରକାର ଭୋଗ କରାଯାଇ କାତ୍ୟାୟନୀ ବେଶ ଅନୁଷ୍ଠିତ ହୋଇଥିଲା। ବେଶକୁ ମନ୍ଦିର ପୂଜକ ଦୀନବନ୍ଧୁ ପାଢୀ ସଜ୍ଜିତ କରି ପୂଜା ସମ୍ପାଦନ କରିଥିଲେ।

### ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

ଗୋପ,୩୦।୯(ଡି.ଏନ୍.ଏ.): ମୋ ସାନ ଭାଇ ତଥା ୧୧ ନମ୍ବର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ମୃତ୍ୟୁକୁ ନେଇ ଏପରି ଅପ ପ୍ରଚାର କରନ୍ତୁ ନାହିଁ। ଭାଇର ମୃତ୍ୟୁ ପରେ ଆମ ପରିବାର ସଦସ୍ୟମାନେ ଭାଙ୍ଗିପଡିଛନ୍ତି। ତେଣୁ ଭାଇର ମୃତ୍ୟୁକୁ ନେଇ କୌଣସି ଅପପ୍ରଚାର ନ କରିବାକୁ ଶନିବାର ଗୋପ ଅଖେଣ୍ଡଳେଶ୍ୱର ଶୈବ ପୀଠ ପରିସରରେ ଗୋପ ବିଜେଡି ଦଳ ପକ୍ଷରୁ ଆୟୋଜିତ ଧର୍ମେନ୍ଦ୍ର ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କ ବଡ଼ ଭାଇ ପ୍ରମୋଦ ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିବେଦନ କରିଥିଲେ। ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ନିରଞ୍ଜନ ଶଗଡ଼ିଆ, ପ୍ରହଲ୍ଲାଦ ସ୍ୱାଇଁ, ବିଭୂତି ଭୂଷଣ ସାହୁ, ଅକ୍ଷୟ ନିଶଙ୍କ, କରୁଣା କର ସାହୁ, ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇ ଧର୍ମେନ୍ଦ୍ରଙ୍କ ରାଜନୈତିକ କାର୍ଯ୍ୟଧାରା ଉପରେ ମତବ୍ୟକ୍ତ କରିଥିଲେ। ପରେ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରା କରିଥିଲେ।

### ସ୍ୱଚ୍ଛ ଶ୍ରୀକ୍ଷେତ୍ର ବାର୍ତ୍ତା ବାଣ୍ଟିଲା ଗୋଷାଣି ପୂଜା କମିଟି

ପୁରୀ ଅଫିସ, ୩୦।୯: ଶ୍ରୀକ୍ଷେତ୍ର ଗୋଷାଣି ପୂଜା କମିଟି ପକ୍ଷରୁ ଚଳିତବର୍ଷ ସ୍ୱଚ୍ଛ ଶ୍ରୀକ୍ଷେତ୍ରର ବାର୍ତ୍ତା ଦିଆଯାଇଛି। ଶୁକ୍ରବାର ବିଦ୍ୟାର୍ଥୀ ଓ ବୁଦ୍ଧିଜୀବୀମାନେ ମିଶି ପୁରୀ ସହର ପରିକ୍ରମା କରିଥିଲେ। ଦେବୀ ମା'ଙ୍କୁ ସ୍ୱାଗତ କରିବା ସହ ସହରକୁ ସଫାସୁତରା ରଖିବାକୁ ଆହ୍ୱାନ ଦେଇଥିଲେ। ମା' ବିମଳାଙ୍କ ପ୍ରତିନିଧି ଭାବେ ବିବେଚିତ ମା' କାକୁଡ଼ିଖାଇଙ୍କ ନିକଟରେ ଦୀପଦାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସେଠାରୁ ଦୋଳମଣ୍ଡପ ସାହି, ମାଟିମଣ୍ଡପ ସାହି, ବାଲିସାହି, ତିଆଡ଼ି ସାହି, ଗୁଡ଼ିଆ ସାହି, ହରଚଣ୍ଡୀ ସାହି, ମଣିକର୍ଣ୍ଣିକା ସାହି ହୋଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରଠାରେ ଶୋଭାଯାତ୍ରା ଶେଷ ହୋଇଥିଲା। ସାହି ସମୂହର ପୂଜା ମଣ୍ଡପରେ ସ୍ୱଚ୍ଛ ବାର୍ତ୍ତା ଦିଆଯାଇଥିଲା। ସାହିବାସିନ୍ଦାଙ୍କୁ ପ୍ରଚାରପତ୍ର ଦିଆଯିବା ସହ ଡଷ୍ଟବିନ୍ ବ୍ୟବହାର, ପଲିଥିନ୍ ତ୍ୟାଗ, ଚାରା ରୋପଣ, ବିଦ୍ୟୁତ ଅପଚୟ ରୋକିବାକୁ ଅନୁରୋଧ କରାଯାଇଥିଲା। ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇ ସଚେତନ କରାଯାଇଥିଲା। ଶଙ୍କର ପଣ୍ଡା, ସୁକାନ୍ତ ପଣ୍ଡା, ସତ୍ୟ ସାହୁ, ଦୀପକ ପଣ୍ଡା, ବିପିନ ମହାନ୍ତି ଏବଂ ବ୍ରଜକିଶୋର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ନେହେରୁ ଯୁବକେନ୍ଦ୍ର ପୁରୀ ଶାଖା ପକ୍ଷରୁ ଜିଲାସ୍ତରୀୟ ଯୁବ ଦିବସ ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।

# ଆନ୍ଦୋଳନକାରୀଙ୍କୁ ଲାଠିମାଡ଼ ନେଇ ପ୍ରତିବାଦ

ସାକ୍ଷୀଗୋପାଳ,୩୦।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ଫନୀ ବାତ୍ୟାକୁ ସାଢେ ତିନି ବର୍ଷ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ବିପନ୍ନ ପରିବାରଙ୍କ ମଧ୍ୟରୁ ଅନେକ ଏବେ ବି ଭଙ୍ଗାଘର ଜରିପାଲ ତଳେ ଆଶ୍ରୟ ନେଇଛନ୍ତି। ସରକାରୀ ସହାୟତାରୁ ବଞ୍ଚିତ ଲୋକେ ବାରମ୍ବାର ଆନ୍ଦୋଳନ କରି ବିଫଳ ହେବାରୁ ଆଇନ ଆମାନ୍ୟ ଆନ୍ଦୋଳନ କରି ଗତ ୩ ତାରିଖରେ ପୋଲିସ ଲାଠି ମାଡ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ପୁରୀ ଜିଲା ଫନୀ କ୍ରିୟାନୁଷ୍ଠାନ କମିଟି ଓ ନବ ନିର୍ମାଣ କୃଷକ ସଂଗଠନର ମିଳିତ ଆନୁକୂଲ୍ୟରେ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କ୍ଷତିଗ୍ରସ୍ତ ଲୋକେ ଏକାଠି ହୋଇ ପ୍ରତିବାଦ ଦିବସ ପାଳନ କରିଛନ୍ତି। ତୁରନ୍ତ ଦାବିପୂରଣ ନ ହେଲେ ଆଗାମୀ ୩୧ ତାରିଖରେ ମହା ଆନ୍ଦୋଳନ କରାଯିବ ବୋଲି ପ୍ରତିବାଦ ସଭାରେ କମିଟି କର୍ମକର୍ତ୍ତା ଓ ହିତାଧିକାରୀମାନେ କଡା ଚେତାବନୀ ଦେଇଥିଲେ।

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଘର ଭଙ୍ଗା ସହାୟତା ପାଇଁ ୧୫.୫୦ କୋଟି ଟଙ୍କା ସରକାରୀ ଅନୁଦାନ ଆସିଥିଲା। ହେଲେ ଉକ୍ତ ଅର୍ଥକୁ ହିତାଧିକାରୀଙ୍କୁ ଠିକ୍ ଭାବେ ନ ଦିଆଯାଇ ପ୍ରଶାସନ ପକ୍ଷରୁ ଫେରାଇ ଦିଆଯାଇଥିଲା। ଏହାକୁ ପ୍ରତିବାଦ କରି ଗତ ୩ ତାରିଖରେ ଉକ୍ତ କମିଟି ପକ୍ଷରୁ ସତ୍ୟବାଦୀରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା। କିନ୍ତୁ ସେଠାରେ ପୋଲିସ ଲାଠି ଚାଳନା କରିଥିଲେ। ଏହାର ବିରୋଧରେ ଶୁକ୍ରବାର ପ୍ରତିବାଦ ସଭା ହୋଇଛି। ଶତାଧିକ ପୁରୁଷ ଓ ମହିଳା ତହସିଲ କାର୍ଯ୍ୟାଳୟ ଘେରାଉ କରି ସରକାର ବିରୋଧୀ ନାନା ସ୍ଲୋଗାନ ଦେବା ସହ ଶାସକ ଓ ବିରୋଧୀ ଦଳକୁ କଡା ସମାଲୋଚନା କରିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ଦାବିପତ୍ର ଗ୍ରହଣ କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା। ଆନ୍ଦୋଳନରେ ଫନୀ କ୍ରିୟାନୁଷ୍ଠାନ କମିଟିର ଆବାହକ ଗୋବିନ୍ଦ ମହାପାତ୍ର, ପଦ୍ମନାଭ ମିଶ୍ର, ପ୍ରାଣକୃଷ୍ଣ ବିଶ୍ୱାଳ, ଶରତ ପ୍ରଧାନ, ଭରତ ଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସଭାରେ ଉଦବୋଧନ ଦେଇଥିଲେ।

## 'ଯୁବବର୍ଗ ହିଁ ରାଷ୍ଟ୍ରର ସମ୍ବଳ'

ପୁରୀ ଅଫିସ, ୩୦।୯:

ନେହେରୁ ଯୁବ କେନ୍ଦ୍ର ପୁରୀ ପକ୍ଷରୁ ଶୁକ୍ରବାର ଯୁବ ଉତ୍ସବ ପାଳିତ ହୋଇଯାଇଛି। ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ଉତ୍ସବକୁ ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରିବା ସହ ଯୁବ ବର୍ଗ ହିଁ ରାଷ୍ଟ୍ରର ସମ୍ବଳ ବୋଲି କହିଥିଲେ। ସେମାନେ ନିଜର ଦକ୍ଷତା ଓ ଶକ୍ତିକୁ ଉପଯୋଗ କରି ନିଜ ଓ ଦେଶ ପାଇଁ ପରିଚୟ ସୃଷ୍ଟି କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଦେଶରେ ଯୁବବର୍ଗଙ୍କ ସଂଖ୍ୟା ସର୍ବାଧିକ ହୋଇଥିବାରୁ ଦେଶର ସମୃଦ୍ଧି, ପ୍ରଗତି ଓ ସୁରକ୍ଷାରେ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ସଙ୍ଗଠକ ବଦ୍ରି ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବତୀ ଯୁବକମାନେ ଅଂଶ ଗ୍ରହଣ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସାମାଜିକ କର୍ମୀ ସୁମନ୍ତ କୁମାର ମହାନ୍ତି ଓ ରାଜେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସେବାୟତ ଘରର କୁମାରୀ କନ୍ୟାଙ୍କ ନେତପୂଜା



ମାର୍କଣ୍ଡେୟ ପୁଷ୍କରିଣୀ କୂଳରେ ନେତ ପୂଜା କରିବାକୁ ଆସିଥିବା କୁମାରୀ କନ୍ୟାମାନେ।

**ଶ୍ରୀକ୍ଷେତ୍ରର ନିଆରା ପରମ୍ପରା**

ପୁରୀ ଅଫିସ ୩୦।୯:

ବଳିରେ ବଳି ନ କର କଳି...କାଲି ଆଣିଦେବୀ ସରୁ ଚକୁଳି...ସରୁ ଚକୁଳି ଉପରେ ଘିଅ। ଏପରି ଗୀତରେ ଶୁକ୍ରବାର ଝଙ୍କୃରିତ ହୋଇଥିଲା ମାର୍କଣ୍ଡେୟ ପୁଷ୍କରିଣୀ କୂଳ। ସେବାୟତ ପରିବାରର କୁମାରୀ କନ୍ୟାମାନେ ନେତ ବେଶରେ ସଜେଇ ହୋଇ ଏହି ଗୀତ ବୋଲି ହରପାର୍ବତୀଙ୍କୁ ଆରାଧନା କରିଥିଲେ। କୁନିକୁନି ଝିଅମାନେ ସୁନା ରୁପା ଅଳଙ୍କାରରେ ସଜେଇ ହୋଇ ସୁନ୍ଦର ଓ ଯୋଗ୍ୟ ବର ପାଇବା ବିଶ୍ୱାସରେ ଠାକୁରଙ୍କ ନିକଟରେ ମନାସୀ ପୂଜା କରିଥିଲେ। ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ମଧ୍ୟରୁ 'ନେତ ପିଲା' ଅନ୍ୟତମ। ଏହି ପରମ୍ପରା ଆଶ୍ୱିନ ମାସରେ ଶାରଦୀୟ ଦୁର୍ଗାପୂଜା ସମୟରେ ଦେଖିବାକୁ ମିଳିଥାଏ।

ସେବାୟତ ପରିବାରରେ ଥିବା କୁନି କୁନି ଝିଅ ବିଶେଷ କରି ଅଢ଼େଇ ବର୍ଷରୁ ୮ ବର୍ଷ ବୟସର କୁମାରୀ କନ୍ୟାମାନେ ସୁନା ଅଳଙ୍କାର ପିନ୍ଧି ନେତପିଲା ବେଶ ହୋଇ ପୂଜା କରିଥାନ୍ତି। ଶ୍ରୀମନ୍ଦିରର ସେବାୟତ ପରିବାରରେ ନେତପିଲା ପରମ୍ପରା ରହିଛି। ଭାଦ୍ରବ ମାସ ପୂର୍ଣ୍ଣିମାଠାରୁ ନେତପୂଜା ଆରମ୍ଭ ହୋଇଥାଏ। ପ୍ରଥମ ୨୧ଦିନ ଧରି ସେବାୟତ ପରିବାରର କୁମାରୀ କନ୍ୟାମାନେ ସନ୍ଧ୍ୟାରେ ଘରେ ଶିବପାର୍ବତୀଙ୍କୁ ପୂଜା କରିଥାନ୍ତି। ଆଶ୍ୱିନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ ୪ଦିନ ଧରି ବିଭିନ୍ନ ଅଳଙ୍କାର ପରିଧାନ କରି ନେତପିଲା ବେଶରେ ସଜ୍ଜିତ ହୋଇ ମାର୍କଣ୍ଡେୟ ପୋଖରୀରେ ମା' ବୃନ୍ଦାବତୀଙ୍କ ପାଖରେ ଶିବପାର୍ବତୀଙ୍କ ଉପାସନା କରିଥାନ୍ତି। ପୂଜା କରିବା ସହ ବଳି ଗୀତ ଗାଇଥାନ୍ତି। ବିଭିନ୍ନ ପ୍ରକାର ଫଳ, ନଡ଼ିଆ, ପରିବା, ଗୁଆ ଆଦି ଅର୍ପଣ କରିଥାନ୍ତି। ପୂଜା ପରେ ନେତ ପିଲାମାନେ ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲିଯିବାର ବିଧି ରହିଛି।

# ନ୍ୟାୟ ଦାବିରେ ମୃତାଙ୍କ ପରିବାର ଏସିପଙ୍କ ଦ୍ୱାରସ୍ଥ

ପୁରୀ ଅଫିସ,୩୦।୯

ମୃତ ଝିଅକୁ ନ୍ୟାୟ ପ୍ରଦାନ ସହ ପୋଲିସର କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରି ମୃତାଙ୍କ ପରିବାର ପକ୍ଷରୁ ଶୁକ୍ରବାର ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗଡ଼ିଶାଗୋଦା ଥାନା କଉଡି ଖଣିର ଓକିଲ ସ୍ୱାଇଁ ଓ ତାଙ୍କ ପରିବାର ଶୁକ୍ରବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅ ମିଟି କଣାସ ଥାନା ନାନକେରାର ସରୋଜ ମାର୍ଥାଙ୍କୁ ବିବାହ କରିଥିଲେ। ତେବେ ଯୌତୁକ ଦାବି କରି ସ୍ୱାଇଁ ଏବଂ ତାଙ୍କ ପରିବାର ଲୋକ ଝିଅକୁ ଗତ ୬ ତାରିଖରେ ମାରିଦେଇଥିଲେ। ଯାହାକୁ ନେଇ କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। କିନ୍ତୁ ଶାଶୁଘର ବିରୋଧରେ ପୋଲିସ ୩୦୨ ଦଫା ଲଗାଇଲା ନାହିଁ। ଏପରିକି ଝିଅକୁ ମାରିବାରେ ତା'ର ଶ୍ୱଶୁର ସମ୍ପୃକ୍ତ ଥିଲେ ମଧ୍ୟ ତାଙ୍କୁ ଜାମିନ୍ ମିଳିଗଲା। ଅପରପକ୍ଷେ ବାହାଘର ବେଳେ ଦେଇଥିବା ଜିନିଷପତ୍ର ମିଳିଥିଲେ ମଧ୍ୟ ଚିଠା ମୁତାବକ କୌଣସି ସୁନା, ରୁପା ଅଳଙ୍କାର ମିଳିଲା ନାହିଁ। ତେଣୁ ଘଟଣାର ସତ୍ୟାସତ୍ୟକୁ ବିଚାର କରାଯାଇ ଏତଲା ଅନୁଯାୟୀ ଆସାମୀମାନଙ୍କ ପ୍ରତି ହତ୍ୟା ଅପରାଧ ଦଫା ୩୦୨ ଲାଗୁ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗକାରୀ ଏବଂ ଗ୍ରାମବାସୀ ଦାବି କରିଥିଲେ। ତେବେ ଏସପ୍ ଘଟଣା ସମ୍ପର୍କରେ ଅବଗତ ହେବା ସହ କେସକୁ ନିଜେ ତଦାରଖ କରି ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଅଭିଯୋଗକାରୀମାନେ କହିଛନ୍ତି।



## ଥାନାଧିକାରୀଙ୍କ ଅକାଳ ବିୟୋଗ

ପୁରୀ ଅଫିସ,୩୦।୯:

ପେଣ୍ଠକଟା ମେରାଇନ ଥାନା ଅଧିକାରୀ ଉପେନ୍ଦ୍ର ନାଥ ଦାସଙ୍କ ଶୁକ୍ରବାର ଅକାଳ ବିୟୋଗ ଘଟିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ହୃଦ୍‌ଘାତଜନିତ ବୋଲି କୁହାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ ମାଟିତୋଟାସ୍ଥିତ ବାସଭବନକୁ ନିଆଯାଇଥିଲା। ପରେ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ଦାସ ଦୁଇମାସ ହେବ କେନ୍ଦୁଝରରୁ ବଦଳି ହୋଇ ଆସିଥିଲେ। ତାଙ୍କ ଚାକିରୀ କାର୍ଯ୍ୟକାଳ ୧୧ମାସ ବାକି ଥିଲା। ପୁରୀ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଶୋକ ପ୍ରକାଶ କରିଛନ୍ତି।



ପୁରୀରୁ କ୍ରୀଡ଼ା ଛାତ୍ରାବାସ ସ୍ଥାନାନ୍ତର ଯୋଜନା ପ୍ରତିବାଦରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜିଲା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ବିକ୍ଷୋଭ।

# ମା'ମଙ୍ଗଳାଙ୍କୁ ଦର୍ଶନ କଲେ ଝାଡ଼ଖଣ୍ଡ ବିଚାରପତି



ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତି ସଞ୍ଜୟ ପ୍ରସାଦ ଏବଂ ଅନ୍ୟମାନେ।

କାକଟପୁର/ଅସ୍ତରଙ୍ଗ, ୩୦।୯(ଡି.ଏନ୍.ଏ.)

ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତି ସଞ୍ଜୟ ପ୍ରସାଦ ସରକାରୀ ପ୍ରୋଟୋକଲ ଅନୁସାରେ ଶୁକ୍ରବାର ପୁରୀ ଜିଲା କାକଟପୁରସ୍ଥିତ ମା' ମଙ୍ଗଳାଙ୍କ ଦର୍ଶନ କରିଛନ୍ତି। ମନ୍ଦିରରେ ସେ ପହଞ୍ଚିବା ପରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ତହସିଲଦାର ବିରଞ୍ଚି ନାରାୟଣ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ବରିଷ୍ଠ ସାମ୍ବାଦିକ ତଥା ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, ମାନସ କୁମାର ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ପ୍ରଦୀପ୍ତ ଦୀକ୍ଷିତ ମନ୍ଦିର ବେଢା ଭିତରକୁ ପାଛୋଟି ନେଇଥିଲେ। ପରେ ସେବାୟତ ନଳିନୀକାନ୍ତ ଦୀକ୍ଷିତ, ତାପସ ଦୀକ୍ଷିତ, ମହେନ୍ଦ୍ର ଦୀକ୍ଷିତ, ବଳରାମ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ରହିବା ସହିତ ଠାକୁରାଣୀଙ୍କୁ ଦର୍ଶନ କରିବା, ବେଢା ପରିକ୍ରମା କରିବା, ପାର୍ଶ୍ୱଦେବତାଙ୍କୁ ଦର୍ଶନ କରିବା ପରେ ବିଶ୍ରାମଶାଳା ଅବକ୍ଷୟର କାରଣ ପଣ୍ଡାମାନଙ୍କଠାରୁ ବୁଝିଥିଲେ। ଏଥିସହ ମନ୍ଦିର ପରିଷ୍କାର ପରିଚ୍ଛନ୍ନତା, କାରୁକାର୍ଯ୍ୟକୁ ବୁଲି ଦେଖିଥିଲେ।

# ସମୁଦ୍ରକୂଳ ସଫେଇ, ସଚେତନତା

**ଏନ୍‌ସିସିର ପୁନିତ ସାଗର ଅଭିଯାନ**

■ଷଷ୍ଠ ଓଡ଼ିଶା ବାଟାଲିୟନର ପୋଷ୍ୟ ପୁରୀ ବେଳାଭୂମି

■ଶୁଭେନ୍ଦୁ ଶଙ୍କର ପ୍ରଧାନଙ୍କୁ ଏନ୍‌ସିସି ଡିଜି ପଦକ

ପୁରୀ ଅଫିସ,୩୦।୯:

ଏନ୍‌ସିସି ପକ୍ଷରୁ ପୁରୀ ବେଳାଭୂମିରେ ପୁନିତ ସାଗର ଅଭିଯାନ କ୍ରମେ ସମୁଦ୍ରକୂଳ ତଥା ହ୍ରଦ, ନଦୀ, ପୁଷ୍କରିଣୀ ଓ ଜଳସ୍ରୋତକୁ ପରିଷ୍କାର ଏବଂ ଅବକ୍ଷୟଯୋଗ୍ୟ ବର୍ଜ୍ୟବସ୍ତୁରୁ ମୁକ୍ତ ରଖିବା ପାଇଁ ସଚେତନତା ସୃଷ୍ଟି କରାଯାଇଛି। ଶୁକ୍ରବାର ପ୍ରାତଃରେ ପୁରୀ ଜିଲା ପ୍ରଶାସନ ଏବଂ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନର ମିଳିତ ଆନୁକୂଲ୍ୟରେ ଦିଗବାରେଣୀଠାରୁ ଲାଇଟ ହାଉସ ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ଏଥିରେ ୩୫୦ କ୍ୟାଡେଟ୍, ୫୦ ଆଲୁମ୍‌ନି, ସେନା, ପୂର୍ବତନ ସେନା ଓ ତଟରକ୍ଷୀ ବାହିନୀ, ନୌସେନା ଏବଂ ବାୟୁସେନାର ୧୦୦ ଜଣ, ଜିଲା ପ୍ରଶାସନ ଓ ପୁରୀ ପୌରପାଳିକାର ଅଧିକାରୀ, ସମୁଦ୍ରକୂଳ ବିକ୍ରେତାଙ୍କ ସମେତ ପର୍ଯ୍ୟଟକମାନେ ସାମିଲ ହୋଇଥିଲେ। ପ୍ଲାଷ୍ଟିକ ଏବଂ ଅବକ୍ଷୟଯୋଗ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ପୁରୀ ପୌର ପାଳିକାର ପ୍ରତିନିଧିଙ୍କୁ ହସ୍ତାନ୍ତର କରାଯାଇଥିଲା।

ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ କ୍ୟାଡେଟମାନେ ନୁକ୍କଡ ନାଟକ 'ଜଳ ଲକ୍ଷ୍ୟ ତଳେ ଜୀବନ' ଏବଂ 'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ପରିବେଷଣ କରିଥିଲେ। ପୁରୀ ବେଳାଭୂମିର ସୁବର୍ଣ୍ଣ ବାଲି ବର୍ଜ୍ୟବସ୍ତୁ ଦ୍ୱାରା ନଷ୍ଟ ହେବା ବିରୋଧରେ ଏନ୍‌ସିସି କ୍ୟାଡେଟମାନେ ବିକ୍ରେତା ଓ ପର୍ଯ୍ୟଟକଙ୍କୁ ସଚେତନ କରାଇଥିଲେ। ଏନ୍‌ସିସି କ୍ୟାଡେଟ୍ ଶୁଭେନ୍ଦୁ ଶଙ୍କର ପ୍ରଧାନଙ୍କୁ ଡିଜି ଏନ୍‌ସିସି ପଦକ ପ୍ରଦାନ ସହ ପୁନିତ ସାଗର ଯୋଦ୍ଧା ଭାବେ ମନୋନୀତ କରାଯାଇଥିଲା। ବର୍ଷ ବର୍ଷ ଧରି ସମୁଦ୍ରକୂଳ ପରିଷ୍କାର ରଖିବାରେ ଉତ୍ସର୍ଗୀକୃତ ହୋଇଥିବାରୁ ପୁରୀ ମ୍ୟୁନିସିପାଲିଟିକୁ ଏନ୍‌ସିସି ଡିଜି ପୁରସ୍କୃତ କରିଥିଲେ। ଏହି ଅବସରରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ବାଲୁକା କଳା କରାଯାଇଥିଲା। ଏହି ଉତ୍ସବରେ ଏନ୍‌ସିସି ମହାନିର୍ଦ୍ଦେଶକ ଲ୍ୟୁଟନାଣ୍ଟ ଜେନେରାଲ ଗୁରୁବୀର ପାଲ୍ ସିଂ, ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଜେନେରାଲ କମୋଡୋର ସୋମନ ବାନାର୍ଜୀ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଯୋଗଦେଇଥିଲେ। ପୁରୀ ବେଳାଭୂମି ପରିଷ୍କାର ରଖିବାକୁ ଏନ୍‌ସିସି ଡିଜି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଷଷ୍ଠ ଓଡ଼ିଶା ବାଟାଲିୟନ ଏନ୍‌ସିସିର କମାଣ୍ଡିଂ ଅଫିସର ଲ୍ୟୁଟନାଣ୍ଟ କଲୋନେଲ ପ୍ରସୁନ କୁମାର ପଣ୍ଡା ସଂଯୋଜନା ଏବଂ କ୍ୟାପ୍ଟେନ୍ ଡ. ଶୁଭେନ୍ଦୁ ମିଶ୍ର ଓ ସୁବେଦାର ମେଜର ରୋହତଶ ସହଯୋଗ କରିଥିଲେ। ଜିଲା ପ୍ରଶାସନ ଓ ପୁରୀ ପୌରପାଳିକାର ମିଳିତ ପ୍ରୟାସରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରୀ ବେଳାଭୂମିକୁ ଷଷ୍ଠ ଓଡ଼ିଶା ବାଟାଲିୟନ ଏନ୍‌ସିସିର କ୍ୟାଡେଟମାନେ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏହାକୁ ପରିଷ୍କାର ଓ ପ୍ଲାଷ୍ଟିକମୁକ୍ତ ରଖିବା ଲାଗି ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଏନ୍‌ସିସି ପ୍ରତିଶ୍ରୁତି ଦେଇଛି। ଏହାର ମୁକାବିଲା ପାଇଁ ଏନ୍‌ସିସି ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ସହିତ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିବା ଏନ୍‌ସିସି ପକ୍ଷରୁ ସୂଚନା ଦିଆଯାଇଛି।